୬ ‘ଲେଫ୍ଟନାଣ୍ଟ କର୍ଣ୍ଣେଲ’ ପଦବୀରେ ସମ୍ମାନିତ ହେଲେ ନୀରଜ ଚୋପ୍ରା



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ–୩୨ ● ସଂଖ୍ୟା–୧୦୬ ● ୧୫ ମଇ ୨୦୨୫, ଗୁରୁବାର ● ଭୁବନେଶ୍ୱର ● Vol -32 ● Issue-106 ● 15th May 2025, Thursday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ୬ ପ୍ରସ୍ତାବକୁ କ୍ୟାବିନେଟ୍ ମୋହର

# ପଛୁଆ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ନାମଲେଖାରେ ୧୧.୨୫% ସଂରକ୍ଷଣ ଲାଗୁ



**ଭୁବନେଶ୍ୱର,୧୪/୦୫**
**ନ୍ୟୁଜ ବ୍ୟୁରୋ**

ସାମାଜିକ ଅର୍ଥନୈତିକ କ୍ଷେତ୍ରରେ ପଛୁଆ ବର୍ଗଙ୍କ ପାଇଁ ଶିକ୍ଷାନୁଷ୍ଠାନରେ ୧୧.୨୫ ପ୍ରତିଶତ ସଂରକ୍ଷର ବ୍ୟବସ୍ଥା ଲାଗୁ ହେବ। ବୁଧବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକରେ ଏହି ନିଷ୍ପତି ନିଆଯାଇଛି। ଶିକ୍ଷାନୁଷ୍ଠାନରେ ନାମଲେଖା କ୍ଷେତ୍ରରେ ସଂରକ୍ଷଣ ସମେତ ମୋଟ୍ ୬ଟି ପ୍ରସ୍ତାବକୁ କ୍ୟାବିନେଟ୍‌ରେ ଅନୁମୋଦ ମିଳିଛି। କ୍ୟାବିନେଟ୍ ବୈଠକ ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗଣମାଧମକୁ ସୂଚନା ଦେଇ କହିଛନ୍ତି ଯେ, ସାମାଜିକ ଓ ଅର୍ଥନୈତିକ ପଛୁଆ ବର୍ଗଙ୍କ ପାଇଁ ୧୧.୨୫ ପ୍ରତିଶତ ଆସନ ଶିକ୍ଷାନୁଷ୍ଠାନରେ ସଂରକ୍ଷିତ ରହିବ। ୨୦୨୫-୨୬ ଶିକ୍ଷା ବର୍ଷଠାରୁ ଏହି ନିଷ୍ପତ୍ତି ଲାଗୁହେବ। ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି ଅନୁଯାୟୀ, ସାମାଜିକ ଓ ଅର୍ଥନୈତିକ ଭାବେ ପଛୁଆ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ନାମଲେଖାରେ ୧୧.୨୫% ଆସନ ସଂରକ୍ଷଣ ଲାଗୁ କରାଯିବ। ଏହି ନୀତି ଚଳିତ ଶିକ୍ଷାବର୍ଷ ୨୦୨୫-୨୬ରୁ ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟ, ସରକାରୀ ଓ ଅନୁଦାନ ପ୍ରାପ୍ତ ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କରେ ପ୍ରଚଳନ କରାଯିବ।

ଏହି ସଂରକ୍ଷଣ ବ୍ୟବସ୍ଥା ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସ୍ନାତକ, ସ୍ନାତକୋତ୍ତର, ଶିକ୍ଷକ-ଶିକ୍ଷା ଓ ଆଇନ ପାଠ୍ୟକ୍ରମ ଅନୁଷ୍ଠାନ ଗୁଡିକରେ ଲାଗୁହେବ। ଏହା ସହିତ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଉଚ୍ଚମାଧ୍ୟମିକ (+୨), ଶିକ୍ଷକ-ଶିକ୍ଷା ଓ ବୃତ୍ତିମୂଳକ ପାଠ୍ୟକ୍ରମ ଥିବା ଅନୁଷ୍ଠାନ ଗୁଡିକରେ ମଧ ଲାଗୁହେବ। ଏହା ବ୍ୟତୀତ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ ପ୍ରଦର୍ଶନ କଳାରେ ସ୍ନାତକ ପାଠ୍ୟକ୍ରମ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ବ୍ୟାଚେଲର ଅଫ୍ ଫିଜିକାଲ ଏଜୁକେସନ୍ *(ପୃଷ୍ଠା ୭ରେ)*

# କେନ୍ଦ୍ର କ୍ୟାବିନେଟ୍‌ର ବଡ଼ ନିଷ୍ପତ୍ତି: ୟୁପି ହାତରେ ଲାଗିବ ସେମିକଣ୍ଡକ୍ଟର ୟୁନିଟ୍

**ନୂଆଦିଲ୍ଲୀ, ୧୪।୫**



କେନ୍ଦ୍ର ସରକାର ଉତ୍ତର ପ୍ରଦେଶର ଜେଓ୍ୱରରେ ଭାରତର ଷଷ୍ଠ ସେମିକଣ୍ଡକ୍ଟର ୟୁନିଟକୁ ଅନୁମୋଦନ କରିଛନ୍ତି। ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର କ୍ୟାବିନେଟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ର ରେଳବାଇ ଏବଂ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ଏହି ବର୍ଷ ହିଁ ଏହି ୟୁନିଟ ଗୁଡ଼ିକ ମଧ୍ୟରୁ ଗୋଟିଏରେ ଉତ୍ପାଦନ ଆରମ୍ଭ ହେବ।

ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ‘ଭାରତରେ ସେମିକଣ୍ଡକ୍ଟର ମିଶନ ଅଧୀନରେ ଏପର୍ଯ୍ୟନ୍ତ ୫ଟି ସେମିକଣ୍ଡକ୍ଟର ୟୁନିଟ ଅନୁମୋଦନ କରାଯାଇଛି ଏବଂ ସେଠାରେ ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଚାଲିଛି।’ ଏହି ବର୍ଷ ହିଁ ଏହି ୟୁନିଟ ଗୁଡ଼ିକ ମଧ୍ୟରୁ ଗୋଟିଏରେ ଉତ୍ପାଦନ ଆରମ୍ଭ ହେବ। ଏହି ସମ୍ପର୍କରେ ଆଉ ଏକ ସୁପର-ଆଡଭାନ୍ସଡ ୟୁନିଟ ଅନୁମୋଦନ କରାଯାଇଛି। ଏହା ଏଚ୍‌ସିଏଲ୍ ଏବଂ ଫକ୍ସକନ୍ ମଧ୍ୟରେ ଏକ ମିଳିତ ଉଦ୍ୟୋଗ।

କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଜେଓ୍ୱରରେ ଭାରତର ଷଷ୍ଠ ସେମିକଣ୍ଡକ୍ଟର ୟୁନିଟକୁ ଅନୁମୋଦନ କରିବା ଦ୍ୱାରା ୨୦୦୦ ଲୋକଙ୍କୁ ନିଯୁକ୍ତି ମିଳିବ। ସେ କହିଛନ୍ତି, ‘ସେମିକଣ୍ଡକ୍ଟର ୟୁନିଟରେ ୩୭୦୬ କୋଟି ଟଙ୍କା ନିବେଶ କରାଯିବ। ପ୍ରତି ମାସରେ ଏଠାରେ ୩.୬ କୋଟି ଡିସପ୍ଲେ ଡ୍ରାଇଭର ଚିପ୍ସ ତିଆରି କରାଯିବ। ଏହାର ଉତ୍ପାଦନ ୨୦୨୭ ମସିହାରୁ ଆରମ୍ଭ ହେବ। ଏଚ୍‌ସିଏଲ୍- ଫକ୍ସକନ୍ ସେମିକଣ୍ଡକ୍ଟର ପ୍ଲାଣ୍ଟରେ ପ୍ରତି ମାସରେ ୨୦,୦୦୦ ୱେଫର୍ସ ତିଆରି କରାଯିବ।’

କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ‘ଅପରେଶନ ସିନ୍ଦୂର’ ଭାରତର ଶକ୍ତି, ନେତୃତ୍ୱ ଏବଂ ଆମ ସେନାର ଭୂମିକାକୁ ଦର୍ଶାଏ। ସେ କହିଥିଲେ, ‘ଅପରେଶନ ସିନ୍ଦୂର’ ହେଉଛି ଭାରତର ପରିଚୟ, ଆମର ସଶସ୍ତ୍ର ବାହିନୀର ଭୂମିକା ଏବଂ ସୃଷ୍ଟି ହୋଇଥିବା ନିର୍ଣ୍ଣାୟକ ନେତୃତ୍ୱ ଏବଂ ନୂତନ ସିଦ୍ଧାନ୍ତର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଉଦାହରଣ। ଏହା ପ୍ରକୃତରେ ଦେଶ ପାଇଁ ଏକ ପ୍ରଶଂସନୀୟ କଥା। ‘ଅପରେଶନ ସିନ୍ଦୂର’ରେ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାର ମଧ ବ୍ୟବହାର କରାଯାଇଥିଲା। ପ୍ରଯୁକ୍ତିବିଦ୍ୟା ଭାରତକୁ ଏକ ମହାନ ଶକ୍ତି ପ୍ରଦାନ କରେ ଏବଂ ଭବିଷ୍ୟତ ପାଇଁ ଏକ ଦୃଢ଼ ମୂଳଦୁଆ ସ୍ଥାପନ କରେ।

## ପୂର୍ବତନ ପ୍ରତିରକ୍ଷା ସଚିବ ଅଜୟ କୁମାର ୟୁପିଏସ୍‌ସି ଅଧକ୍ଷ ନିଯୁକ୍ତ

**ନୂଆଦିଲ୍ଲୀ,୧୪ /୦୫**

ପୂର୍ବତନ ପ୍ରତିରକ୍ଷା ସଚିବ ଅଜୟ କୁମାର ୟୁପିଏସଏସି ଅଧକ୍ଷ ନିଯୁକ୍ତ ହୋଇଛନ୍ତି। ୧୯୮୫ ବ୍ୟାଚ ଅବସରପ୍ରାପ୍ତ ଆଇଏଏସ୍ ଅଫିସର ଅଜୟ କୁମାରଙ୍କୁ ଗୁରୁ ଦାୟିତ୍ୱ ମିଳିଛି। ସେ ଅଗଷ୍ଟ ୨୦୧୯ରୁ ୨୦୨୨ ଅକ୍ଟୋବର ୩୧ ଯାଏ ପ୍ରତିରକ୍ଷା ସଚିବ ଭାବେ ଦାୟିତ୍ୱ ତୁଲାଇଥିଲେ। ଏପ୍ରିଲ ୨୯ରେ ପ୍ରୀତି ସୁଦାନଙ୍କ ଅବସର ପରେ ୟୁପିଏସ୍‌ସି ଅଧକ୍ଷ ପଦ ଖାଲି ପଡିଥିଲା। ୧୯୮୫ କେରଳ କ୍ୟାଡେଟ୍ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଫିସର ହେଉଛନ୍ତି ଅଜୟ *(ପୃଷ୍ଠା ୭ରେ)*

# ରାଷ୍ଟ୍ରପତିଙ୍କୁ ଭେଟିଲେ ୩ ସେନା ମୁଖ୍ୟ : ‘ଅପରେସନ ସିନ୍ଦୂର’ ସଂପର୍କରେ କଲେ ଅବଗତ



**ନୂଆଦିଲ୍ଲୀ, ୧୪।୫**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଛନ୍ତି ୩ ସେନା ମୁଖ୍ୟ । ବୁଧବାର ୩ ସେନାର ମୁଖ୍ୟଙ୍କ ସହିତ ପ୍ରତିରକ୍ଷା କର୍ମଚାରୀ ମୁଖ୍ୟ (ସିଡିଏସ୍) ଜେନେରାଲ ଅନୀଲ ଚୌହାନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ‘ଅପରେସନ ସିନ୍ଦୂର’ ବିଷୟରେ ଅବଗତ କରାଇଛନ୍ତି । ଏପ୍ରିଲ ୨୨ ତାରିଖରେ ହୋଇଥିବା ପହଲଗାମ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ସ୍ୱରୂପ ଭାରତ ମେ’ ୭ରେ ପାକିସ୍ତାନ ଏବଂ ପାକ୍-ଅଧିକୃତ କଶ୍ମୀରରେ ଆତଙ୍କବାଦୀ ଭିତ୍ତିଭୂମିକୁ ଧ୍ୱଂସ କରିବା ପାଇଁ ‘ଅପରେସନ ସିନ୍ଦୂର’ ଆରମ୍ଭ କରିଥିଲା, ଯେଉଁଥିରେ ୨୬ ଜଣଙ୍କର ଜୀବନ ଯାଇଥିଲା ।

‘ପ୍ରତିରକ୍ଷା ବିଭାଗ ମୁଖ୍ୟ ଜେନେରାଲ ଅନୀଲ ଚୌହାନ, ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ, ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ଏପି ସିଂହ ଏବଂ ନୌସେନା ମୁଖ୍ୟ ଆଡମିରାଲ ଦୀନେଶ କେ. ତ୍ରିପାଠୀ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ‘ଅପରେସନ ସିନ୍ଦୂର’ ବିଷୟରେ ଅବଗତ କରାଇଥିଲେ। ରାଷ୍ଟ୍ରପତି ଭବନ ପକ୍ଷରୁ ଏକ୍ସରେ ଏକ ପୋଷ୍ଟରେ ଏନେଇ ସୂଚନା ଦିଆଯାଇଛି । ଆତଙ୍କବାଦ ପ୍ରତି ଭାରତର ପ୍ରତିକ୍ରିୟାକୁ ଏକ ଚମତ୍କାର ସଫଳତା ଦେଇଥିବା ସଶସ୍ତ୍ର ବାହିନୀର ସାହସ ଏବଂ ସମର୍ପଣକୁ ରାଷ୍ଟ୍ରପତି ପ୍ରଶଂସା କରିଥିଲେ ।

ସୂଚନା ଯୋଗ୍ୟ ଯେ, ପାକିସ୍ତାନର ଏକ ଡଜନରୁ ଅଧିକ ସାମରିକ ଘାଟି ଉପରେ ଭାରତର ଆକ୍ରମଣ ଫଳରେ ପାକିସ୍ତାନ ବାୟୁସେନାର ପ୍ରାୟ ୨୦ ପ୍ରତିଶତ ଭିତ୍ତିଭୂମି ଏବଂ ଅନେକ ପିଏଏଫ୍ ଲଢୁଆ ବିମାନ ନଷ୍ଟ ହୋଇଯାଇଛି। ଏନେଇ ସରକାରୀ ସୂତ୍ରରୁ ସୂଚନା ମିଳିଛି । *(ପୃଷ୍ଠା ୭ରେ)*

# ଦେଶର ୫୨ତମ ସିଜେଆଇ ହେଲେ ଜଷ୍ଟିସ୍ ବି.ଆର୍ ଗବାଇ



**ନୂଆଦିଲ୍ଲୀ,୧୪ /୦୫**

ସୁପ୍ରିମକୋର୍ଟର ନୂଆ ସିଜେଆଇ ରୂପେ ଶପଥ ନେଇଛନ୍ତି ଜଷ୍ଟିସ୍ ବି.ଆର୍ ଗବାଇ । ରାଷ୍ଟ୍ରପତି ଭବନରେ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜଷ୍ଟିସ୍ ଗବାଇଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି । ଶପଥ ଗ୍ରହଣ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସମେତ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ଉପରାଷ୍ଟ୍ରପତି ଜଗଦୀପ ଧନଖଡ ଓ ସୁପ୍ରିମକୋର୍ଟ ବିଚାରପତିମାନେ ଉପସ୍ଥିତ ଥିଲେ । ଜଷ୍ଟିସ୍ ବି.ଆର୍ ଗବାଇଙ୍କ ପରିବାର ବି ଶପଥ ଗ୍ରହଣ ସମାରୋହରେ ସାମିଲ ହୋଇଥିଲେ । ହିନ୍ଦୀ ଭାଷାରେ ଶପଥ ନେଇଥିଲେ ଜଷ୍ଟିସ ଗବାଇ।

ଜଷ୍ଟିସ୍ ସଞ୍ଜୀବ ଖାନ୍ନାଙ୍କ ପରେ ଜଷ୍ଟିସ ଭୂଷଣ ରାମକୃଷ୍ଣ ଗବାଇ ଦେଶର ୫୨ତମ ଚିଫ୍ ଜଷ୍ଟିସ୍ ଭାବେ ଶପଥ ନେଇଛନ୍ତି । ଜଷ୍ଟିସ ଗବାଇ ନଭେମ୍ବର ୨୩ ଯାଏ ସିଜେଇ ରହିବେ । ଜଷ୍ଟିସ୍ ଗବାଇ ବୌଦ୍ଧ ଧର୍ମ ଉପରେ ଆସ୍ଥା, ବିଶ୍ୱାସ ରଖୁଥିବା ପ୍ରଥମ ଏବଂ ଅନୁସୂଚିତ ଜାତି ବର୍ଗର ଦ୍ୱିତୀୟ ପ୍ରଧାନ ବିଚାରପତି । ତାଙ୍କ ସାମ୍ନାରେ ୱାକଫ୍ ବିଲ୍ ମାମଲାର ଶୁଣାଣି ଚ୍ୟାଲେଞ୍ଜ ରହିବ । ଜଷ୍ଟିସ୍ ଗବାଇ ନଭେମ୍ବର ୨୩ ଯାଏ ସିଜେଇ ରହିବେ । ଜଷ୍ଟିସ ଭୂଷଣ ରାମକୃଷ୍ଣ ଗବାଇଙ୍କ ଜନ୍ମ ୧୯୬୦ ମସିଲା ନଭେମ୍ବର ୨୪ରେ ମହାରାଷ୍ଟ୍ର ଅମରାବତୀରେ ହୋଇଥିଲା । ତାଙ୍କ ବାପା ରାମକୃଷ୍ଣ ଗବାଇ ଏମଏଲସି, ଲୋକସଭା ସାଂସଦ *(ପୃଷ୍ଠା ୭ରେ)*

## ବାତ୍ୟା ଖବରକୁ ଖଣ୍ଡନ କଲା ପାଣିପାଗ ବିଭାଗ

**ଭୁବନେଶ୍ୱର, ୧୪/୦୫**
**ନ୍ୟୁଜ ବ୍ୟୁରୋ**

ବାତ୍ୟା ଖବରକୁ ଖଣ୍ଡନ କରିଛି ଭାରତୀୟ ପାଣିପାଗ ବିଭାଗ (ଆଇଏମଡି)। ଏବେ ବାତ୍ୟାର ସୂଚନା ନଥିବା ବିଭାଗ ସ୍ପଷ୍ଟ କରିଛି। ମେ’ ୨୩ରୁ ୨୮ ମଧ୍ୟରେ ‘ବାତ୍ୟା ଶକ୍ତି’ ହେବା ନେଇ କେତେକ ଗଣମାଧମରେ ପ୍ରସାରିତ ଖବରକୁ ଆଇଏମଡି ଦୃଢ ଭାବରେ ଖଣ୍ଡନ କରିଛି। ଏକ ସରକାରୀ ସୂଚନାରେ ଆଇଏମଡି ସ୍ପଷ୍ଟ କରିଛି ଯେ, ମେ’ ୧୩ ତାରିଖରେ ଆଣ୍ଡାମାନ ସାଗର ଉପରେ କେବଳ ଏକ ଘୂର୍ଣ୍ଣିବଳୟ ଉପସ୍ଥିତି ବିଷୟରେ ରିପୋର୍ଟ କରାଯାଇଥିଲା, ଘୂର୍ଣ୍ଣିଝଡ଼ ନୁହେଁ। ପାଣିପାଗ ଦୃଷ୍ଟିରୁ ଦୁଇଟି ଯାକ ପୃଥକ। ଆଇଏମଡି ସ୍ପଷ୍ଟୀକରଣ ଦେଇ କହିଛି ଯେ, ବାତ୍ୟା ନେଇ ବିଭାଗ ପକ୍ଷରୁ କୌଣସି ପୂର୍ବାନୁମାନ କରାଯାଇ ନାହିଁ। ପାଣିପାଗ ସ୍ଥିତିକୁ ନେଇ ଆଗକୁ ସୂଚନା ଦିଆଯିବ।

# ଆତଙ୍କବାଦ ବିରୋଧରେ ଜମ୍ମୁ-କଶ୍ମୀର ପୋଲିସର ବଡ଼ କାର୍ଯ୍ୟାନୁଷ୍ଠାନ

**ନୂଆଦିଲ୍ଲୀ, ୧୪/୦୫**



ପହଲଗାମ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ନେଇଛି ଭାରତୀୟ ସେନା। ପାକିସ୍ତାନ ଏବଂ ଏହାର ଆତଙ୍କବାଦୀ ସଂଗଠନ ଗୁଡ଼ିକ ବିରୁଦ୍ଧରେ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ଭାରତ ସରକାର । ଆଉ ଏବେ ଜମ୍ମୁ-କଶ୍ମୀର ପୋଲିସ ମଧ ଆତଙ୍କବାଦୀଙ୍କ ବିରୁଦ୍ଧରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ଜମ୍ମୁ-କଶ୍ମୀରର ରାଜଧାନୀ ଶ୍ରୀନଗରରେ ପୋଲିସ ୧୧ଟି ସ୍ଥାନରେ ଚଢଉ କରିଛି।

ସୂଚନା ମୁତାବକ ଜମ୍ମୁ-କାଶ୍ମୀର ପୋଲିସ ଆତଙ୍କବାଦୀଙ୍କ ବିରୋଧରେ କଡ଼ା ଅଭିଯାନ ଆରମ୍ଭ କରିଛି। ପୋଲିସର ସୂଚନା ଅନୁଯାୟୀ ୨୨ ଏପ୍ରିଲରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ୧୫୦ ଜଣ ଆତଙ୍କବାଦୀ କିମ୍ବା ସେମାନଙ୍କ ସହଯୋଗୀଙ୍କ ଘରେ ଚଢଉ କରାଯାଇଛି। ଆତଙ୍କବାଦୀ କାର୍ଯ୍ୟକଳାପକୁ ସମର୍ଥନ କରୁଥିବା ଭିତ୍ତିଭୂମିକୁ ନଷ୍ଟ କରିବା ଲକ୍ଷ୍ୟରେ ଏହି ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏହା ଅଧୀନରେ ଅନେକ ସ୍ଥାନରେ ଚଢଉ ଅଭିଯାନକୁ ଜୋରଦାର କରାଯାଇଛି। ଜମ୍ମୁ ଏବଂ କଶ୍ମୀର ପୋଲିସ ମୁଖପାତ୍ର କହିଛନ୍ତି ଯେ ଏହି ଅପରେସନ ଅଧୀନରେ, ନିଷିଦ୍ଧ ଆତଙ୍କବାଦୀ ସଂଗଠନର ଆତଙ୍କବାଦୀ ସହଯୋଗୀମାନଙ୍କୁ ଟାର୍ଗେଟ କରାଯାଉଛି। ୟୁଏପିଏ ଆଇନ ଅନୁଯାୟୀ ପଞ୍ଜିକୃତ ମାମଲାରେ ପୋଲିସ ତଦନ୍ତକୁ ଆଗକୁ ବଢ଼ାଉଛି। ଏହି କ୍ରମରେ, ୧୧ଟି ସ୍ଥାନରେ ଚଢଉ କରାଯାଇଥିଲା। ଜମ୍ମୁ-କଶ୍ମୀରର ଶୋପିଆନରେ ସୁରକ୍ଷା ବାହିନୀ ତିନି ଜଣ ଆତଙ୍କବାଦୀଙ୍କୁ ନିପାତ କରିଛନ୍ତି। ଏହି ତିନି ଜଣ ଆତଙ୍କବାଦୀ *(ପୃଷ୍ଠା ୭ରେ)*

# ନାକରେ ପାଣି ପିଇବେ ଆତଙ୍କବାଦୀ

## ଅପରେସନ୍ ସିନ୍ଦୂର ପରେ ‘ଅପରେସନ୍ କେଲର’

**ନୂଆଦିଲ୍ଲୀ, ୧୪ /୦୫**

ପହଲଗାମ ପ୍ରତିଶୋଧ ପାଇଁ ‘ଅପରେସନ୍ ସିନ୍ଦୂର’ ପରେ ଏବେ ଅପରେସନ୍ କେଲର୍। ନାକରେ ପାଣି ପିଇବେ ଆତଙ୍କବାଦୀ । ଖୋଜି ଖୋଜି ଘରେ ପଶି ଆତଙ୍କବାଦୀଙ୍କୁ ମାରିବେ ସେନା । ପାତାଳରେ ଲୁଚି ଥିଲେ ବି ଖୋଜି ବାହାର କରିବେ ସେନା । ଏ ନେଇ ଭାରତୀୟ ସେନା ପକ୍ଷରୁ ଆରମ୍ଭ ହୋଇଛି ‘ଅପରେସନ୍ କେଲର’ । ଏହି ଅପରେସନ୍ ଜରିଆରେ ୪ ଲସ୍କର ଆତଙ୍କବାଦୀଙ୍କୁ ସଫା କରିଛି ସେନା । ଶେଷ ନିଃଶ୍ୱାସ ଗଣିବେ ଆତଙ୍କବାଦୀ । ଆଉ ନାହିଁ ନିସ୍ତାର । ସେମାନଙ୍କ ଦିନ ସରି ସରି ଆସୁଛି । ପାତାଳରେ ଥିଲେ ବି କାପୁରୁଷ ଭୀରୁଙ୍କୁ ଖୋଜି ଖୋଜି ଆଡ୍ଡାରେ ପଶି ମାରିବେ ଭାରତୀୟ ସେନା । ଅପରେସନ୍ ସିନ୍ଦୂର ପରେ ଭାରତୀୟ ସେନା ପକ୍ଷରୁ ‘ଅପରେସନ୍ କେଲର’ ଆରମ୍ଭ ହୋଇଛି । ଅପରେସନ୍ ସିନ୍ଦୂରର ଏହା ଏକ ବୃହତ୍ତର ଅଂଶ । ଭାରତର ମାଟିରେ ଆତଙ୍କବାଦର କୌଣସି ସ୍ଥାନ ନାହିଁ ବୋଲି ଏହା ଅପରେସନ୍ କେଲର ମୁଖ୍ୟ ଉଦ୍ଦେଶ୍ୟ। ଆତଙ୍କବାଦୀଙ୍କୁ ଚିହ୍ନଟ କରି ଘରେ ପଶି ମାରିବ ଇଣ୍ଡିଆନ୍ ଆର୍ମି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହି ଆସୁଛନ୍ତି ଆତଙ୍କବାଦ ବିରୋଧରେ ଭାରତରେ ଜିରୋ ଟଲରାନ୍ସ ନୀତି ଆପଣାଯାଇଛି । ଏହାରି ଭିତରେ ଅପରେସନ୍ କେଲର ଆରମ୍ଭ ହୋଇଛି । ରାଷ୍ଟ୍ରୀୟ ରାଇଫଲ୍ସ ୟୁନିଟ ଦ୍ୱାରା ପ୍ରାପ୍ତ ସଠିକ୍ ଗୁପ୍ତ ସୂଚନା ଆଧାରରେ ଜମ୍ମୁ ଏବଂ କଶ୍ମୀରର ସୋପିଆନରେ ଲସ୍କର-ଏ-ତୈଏବାର ୪ ଆତଙ୍କବାଦୀଙ୍କୁ ନିପାତ କରିଛି ‘ଅପରେସନ୍ କେଲର’ । ସୋପିଆନ *(ପୃଷ୍ଠା ୭ରେ)*

## ଗୀତା ଉପରେ ହାତ ରଖି ଶପଥ ନେଲେ ଅନୀତା

**ନୂଆଦିଲ୍ଲୀ ୧୪/୦୫**

କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣି କ୍ୟାବିନେଟରେ ବଡ଼ ଧରଣର ଅଦଳବଦଳ ହୋଇଛି। ଭାରତୀୟ ବଂଶୋଦ୍ଭବ ଅନୀତା ଆନନ୍ଦଙ୍କୁ କାର୍ଣ୍ଣି ବୈଦେଶିକ ମନ୍ତ୍ରୀ ଭାବରେ ନିଯୁକ୍ତ ହୋଇଛନ୍ତି । ଅନୀତା ପୂର୍ବତନ ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋଙ୍କ ସରକାରରେ ମଧ କ୍ୟାବିନେଟ୍ ମନ୍ତ୍ରୀ ଥିଲେ । ତେବେ ଅନୀତା ଆନନ୍ଦ ଶପଥ ନେବାବେଳେ ପବିତ୍ର ହିନ୍ଦୁ ଧର୍ମଗ୍ରନ୍ଥ ଗୀତାରେ ହାତ ରଖି ପଦ ଏବଂ ଗୋପନୀୟତାର ଶପଥ ନେଇଥିଲେ। ସେ କହିଥିଲେ ଯେ କାନାଡାର ବୈଦେଶିକ ମନ୍ତ୍ରୀ ଭାବରେ ମନୋନୀତ ହୋଇଥିବାରୁ ମୁଁ ନିଜକୁ ଗର୍ବ ଅନୁଭବ କରୁଛି। ଏକ ଉନ୍ନତ *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ସଂରକ୍ଷଣ ଆହୁରି ବଢିଲା
ପିଲାଏ ପଢିବେ ପାଠ
ପଛୁଆବର୍ଗ ପଛେ ରହିବେନି
ଶିକ୍ଷାଦେବ ନୂଆ ବାଟ
ପାଠ ପଢିହେବେ ଭଲଘଟ
ସେଇ ଘଟ ପୁଣି ଦେଶ ଭବିଷ୍ୟର
ଆଙ୍କିଦେବେ ଚିତ୍ରପଟ !!

# ଭାରତରେ କୃଷି ଋଣ ୩୧.୫ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିବ



**ନୂଆଦିଲ୍ଲୀ, ୧୪।୫**

ଆର୍ଥିକ ବର୍ଷ ୨୦୨୫-୨୬ରେ ବାଣିଜ୍ୟିକ ବ୍ୟାଙ୍କ ଏବଂ ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କଗୁଡ଼ିକ ଦ୍ୱାରା କୃଷି କ୍ଷେତ୍ରକୁ ପ୍ରଦାନ କରାଯାଉଥିବା ଋଣ ୩୧.୫ ଲକ୍ଷ କୋଟି ଟଙ୍କା ଅତିକ୍ରମ କରି ଏକ ନୂଆ ରେକର୍ଡ ସୃଷ୍ଟି କରିବ ବୋଲି ନାବାର୍ଡର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

ଆର୍ଥିକ ବର୍ଷ ୨୦୨୪-୨୫ରେ ନାବାର୍ଡ ବାଣିଜ୍ୟିକ ବ୍ୟାଙ୍କ, ସହକାରୀ ସଂସ୍ଥା ଏବଂ ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କଗୁଡ଼ିକ ମାଧ୍ୟମରେ ୨୮.୯୮ ଲକ୍ଷ କୋଟି ଟଙ୍କାରୁ ଅଧିକ ଋଣ ବଣ୍ଟନ କରିଥିଲା। ଏହାର ପ୍ରାୟ ୬୦% ସ୍ୱଳ୍ପ ମିଆଦୀ ଫସଲ ଋଣ ଏବଂ ବାକି ଅଂଶ କୃଷି ଓ ସମ୍ପୃକ୍ତ କ୍ଷେତ୍ରରେ ବିନିଯୋଗ ଋଣ ପାଇଁ ବ୍ୟବହୃତ ହୋଇଥିଲା।

ନାବାର୍ଡର ଉପ-ବ୍ୟବସ୍ଥାପନା ନିର୍ଦ୍ଦେଶକ ଅଜୟ କେ. ସୁଦ କହିଛନ୍ତି, “ଚଳିତ ଆର୍ଥିକ ବର୍ଷରେ ମୋଟ କୃଷି ଋଣ ପ୍ରବାହ ପ୍ରାୟ ୩୧.୫ ଲକ୍ଷ କୋଟି ଟଙ୍କା ହେବ ବୋଲି ଆମେ ଆଶା କରୁଛୁ।” ସେ ଆହୁରି କହିଛନ୍ତି ଯେ କୃଷି ଓ ସମ୍ପୃକ୍ତ କ୍ଷେତ୍ରକୁ ଋଣ ପ୍ରବାହରେ ତୀବ୍ର ବୃଦ୍ଧି ସତ୍ତ୍ୱେ, ନାବାର୍ଡ ସମ୍ଭାବନା ଆଧାରିତ ଋଣ ଯୋଜନା (ପିଏଲପି) ପ୍ରସ୍ତୁତ କରି ଋଣ ପ୍ରବାହରେ ଆଞ୍ଚଳିକ ଅସନ୍ତୁଳନକୁ ଦୂର କରିବାକୁ ଚେଷ୍ଟା କରୁଛି। ସୁଦ କହିଛନ୍ତି, “ଆମେ ଉତ୍ତର-ପୂର୍ବ ଭାରତରେ ଋଣ ସଂସ୍କୃତି ଉନ୍ନତ କରିବା ଦିଗରେ ବ୍ୟାଙ୍କଗୁଡ଼ିକ ସହ କାର୍ଯ୍ୟ କରୁଛୁ। *(ପୃଷ୍ଠା ୭ରେ)*

# ଚୀନ ଓ ତୁର୍କୀ ଉପରେ ଭାରତର ଡିଜିଟାଲ ଷ୍ଟ୍ରାଇକ୍



**ନୂଆଦିଲ୍ଲୀ, ୧୪/୦୫**

ଚୀନ ଓ ତୁର୍କୀ ବିରୋଧରେ ଭାରତର ଡିଜିଟାଲ ଷ୍ଟ୍ରାଇକ୍। ଚୀନର ସରକାରୀ ମୁଖପତ୍ର ଗ୍ଲୋବାଲ ଟାଇମ୍ସ ଏବଂ ଏହାର ସରକାରୀ ଏଜେନ୍ସି ଅଧିକାରୀଙ୍କ ଏକ୍ସ ଆକାଉଣ୍ଟକୁ ବ୍ଲକ କରିଛି ଭାରତ। ଭାରତୀୟ ସେନା ବିରୋଧରେ ମିଛ ପ୍ରଚାର କରିବାରୁ ଆକାଉଣ୍ଟ ବ୍ଲକ କରିଛନ୍ତି କେନ୍ଦ୍ର ସରକାର। ପହଲଗାମ ଆକ୍ରମଣ ପରେ ଭାରତର ପାକିସ୍ତାନ ସହିତ ଆତଙ୍କବାଦୀ ବିରୋଧରେ ଯୁଦ୍ଧ ପରିସ୍ଥିତି ମଧ୍ୟରେ ତୁର୍କୀ ଏବଂ ଚୀନ ପାକିସ୍ତାନକୁ ସମର୍ଥନ କରିଥିଲେ । ଏହି *(ପୃଷ୍ଠା ୭ରେ)*



## ବିଶ୍ୱବିଦ୍ୟାଳୟକୁ ଉଚ୍ଚଶିକ୍ଷା ବିଭାଗର ଚିଠି

# ବର୍ତ୍ତମାନ ସମୟରେ ଯୁବପୀଢ଼ି ଅଧିକ ମାତ୍ରାରେ ନୂଆ ନୂଆ ପ୍ରକାରର ନିଶା ପ୍ରତି ଆକର୍ଷିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଉଚ୍ଚଶିକ୍ଷାନୁଷ୍ଠାନ କ୍ୟାମ୍ପସ୍‌ରେ ଡ୍ରଗ୍ସ, ତମାଖୁ ଓ ମଦ୍ୟପାନମୁକ୍ତ ସୁନିଶ୍ଚିତ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ସରକାରୀ ଓ ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ନିଶା ବାରଣ ହେବ। ନାର୍କୋଟିକ୍ସ କଣ୍ଟ୍ରୋଲ୍ ବ୍ୟୁରୋ (ଏନ୍‌ସିବି) ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସ୍ୱରୂପ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନିଶା ସେବନଠାରୁ ଦୂରେଇ ରଖିବାକୁ କ୍ୟାମ୍ପସ୍‌ରେ ଶପଥ ପାଠ କରାଯିବ। ଏଥିସହ କଲେଜରେ ଥିବା ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍), ଯୁବ ରେଡ୍‌କ୍ରସ୍ ସ୍ୱେଚ୍ଛାସେବୀଙ୍କ ସହାୟତାରେ ସାଧାରଣ ଲୋକଙ୍କ ମଧ୍ୟରେ ନିଶା ବିରୋଧରେ ସଚେତନତା ସୃଷ୍ଟି କରାଯିବ। ଶିକ୍ଷାନୁଷ୍ଠାନରେ ଆଲୋଚନାଚକ୍ର, କର୍ମଶାଳା, ସ୍ୱାସ୍ଥ୍ୟ ଶିବିର ଆୟୋଜନ କରି ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ସମସ୍ତ କଲେଜ ଅଧ୍ୟକ୍ଷଙ୍କୁ ପରାମର୍ଶ ଦିଆଯାଇଛି।



୨୦୨୨ରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏଦିଗରେ ପଦକ୍ଷେପ ନିଆଯାଇଥିଲା। କୌଣସି ପ୍ରଫେସର, ଅଧ୍ୟାପକ କିମ୍ବା କର୍ମଚାରୀ ଯଦି ମଦ୍ୟପାନ/ନିଶା ସେବନ କରି କ୍ୟାମ୍ପସ୍‌କୁ ଆସନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଆଇନ ଅନୁଯାୟୀ କ୍ୟାମ୍ପସ୍ ନିକଟରୁ ତମାଖୁ ଦୋକାନ ହଟାଇବା ଲାଗି ପୁଲିସ ସହାୟତାରେ ଚଢ଼ଉ, କୋଟପା ଆଇନ-୨୦୦୩ ଅନୁଯାୟୀ ତମାଖୁମୁକ୍ତ ଶିକ୍ଷାନୁଷ୍ଠାନ ଗାଇଡ୍‌ଲାଇନ୍‌ର ସଂଶୋଧନ ନିୟମକୁ କଡ଼ାକଡ଼ି ଲାଗୁ, ୧୫ ଦିନ କିମ୍ବା ମାସକୁ ଅତିକମ୍‌ରେ ଥରେ କ୍ୟାମ୍ପସ୍ ଓ ହଷ୍ଟେଲରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନୀୟ ଡାକ୍ତର, ସାମାଜିକ କର୍ମୀଙ୍କୁ ଡାକି କାର୍ଯ୍ୟକ୍ରମ କରିବାକୁ କୁହାଯାଇଥିଲା। ତିନି ବର୍ଷ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଯାଏ କୌଣସି ଉଚ୍ଚଶିକ୍ଷାନୁଷ୍ଠାନରେ ଗୋଟିଏ ବି ନିୟମ ଲାଗୁ ହୋଇପାରି ନାହିଁ।

କଲେଜ କଥା ଦୂରରେ ଥାଉ। ୨୦୨୩ ନଭେମ୍ବର ମାସରେ ରାଜଧାନୀରେ ଥିବା ସର୍ବପୁରାତନ ଶିକ୍ଷାନୁଷ୍ଠାନ ଉତ୍କଳ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ନିଶାଦ୍ରବ୍ୟ ବିକ୍ରିକୁ ବାରଣ ହୋଇଥିଲା। ପାନ, ଗୁଟ୍‌ଖା, ସିଗାରେଟ୍ ପରି ନିଶାଦ୍ରବ୍ୟ ବ୍ୟବସାୟ ଉପରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କଟକଣା ଲଗାଇଥିଲେ। ଯଦି କୌଣସି ଦୋକାନୀ ନିଜ ବ୍ୟବସାୟିକ ପ୍ରତିଷ୍ଠାନରେ ନିଶାଦ୍ରବ୍ୟ ବିକ୍ରି କରୁଥିବା ନଜରକୁ ଆସନ୍ତି ତେବେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ଆବଶ୍ୟକ ପଡ଼ିଲେ କ୍ୟାମ୍ପସ୍‌ରୁ ତଡ଼ା ଖାଇବେ। ବାରମ୍ବାର ତାଗିଦ୍ ସତ୍ତ୍ୱେ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ନିଶାଦ୍ରବ୍ୟ ବିକ୍ରି ଉପରେ କଟକଣା ଲାଗିପାରୁ ନ ଥିବାରୁ କର୍ତ୍ତୃପକ୍ଷ ଏମିତି ପଦକ୍ଷେପ ଗ୍ରହଣ କରିଥିଲେ। ଇତିମଧ୍ୟରେ ଅଢ଼େଇ ବର୍ଷ ବିତିଗଲାଣି। କୁଳସଚିବ ବଦଳିଗଲେଣି। କୁଳପତି ବଦଳିବା ଉପରେ। ତା'ସତ୍ତ୍ୱେ ମଧ୍ୟ କ୍ୟାମ୍ପସ୍‌ରୁ ନିଶା କାରବାର ବନ୍ଦ ହୋଇପାରି ନାହିଁ। ବରଂ ନିଶା କାରବାରରେ ସମ୍ପୃକ୍ତ ଥିବା ଯୁବକମାନେ କ୍ୟାମ୍ପସ୍‌ରେ ପତିଆରା ଜାହିର କରୁଥିବାରୁ ଛାତ୍ର ସଂଗଠନଗୁଡ଼ିକ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ନିଶାକୁ ନା କହିବା ସହ କ୍ୟାମ୍ପସ୍‌କୁ ଅଣଛାତ୍ରମୁକ୍ତ କରିବାକୁ ଏବେ ଦାବି ଜୋର ଧରିଛି।

ସାମାଜିକ କର୍ମୀଙ୍କ କହିବା କଥା ହେଉଛି ଯେ ବର୍ତ୍ତମାନ ସମୟରେ ଯୁବପୀଢ଼ି ଅଧିକ ମାତ୍ରାରେ ନୂଆ ନୂଆ ପ୍ରକାରର ନିଶା ପ୍ରତି ଆକର୍ଷିତ ହେଉଛନ୍ତି। 'ହୁକ୍କା' ଭଳି ନିଶାରେ ଯୁବପୀଢ଼ି ସମ୍ପୂର୍ଣ୍ଣ ମାତ୍ରାରେ କବଳିତ। ଭୁବନେଶ୍ୱରରେ ତ ଛତୁ ଫୁଟିଲା ଭଳି ଡିସ୍କୋ କ୍ଲବ୍। ଯେଉଁଥିରେ କଲେଜ ପଢ଼ୁଆ ପୁଅ ଆଉ ଝିଅମାନଙ୍କୁ ଦେଖିବାକୁ ମିଳୁଛି। ବିଶେଷକରି ବାହାର ରାଜ୍ୟରୁ ଆସି ଏଠାକାର ବଡ଼ ବଡ଼ ଶିକ୍ଷାନୁଷ୍ଠାନରେ ପାଠ ପଢୁଥିବା ପିଲାମାନେ ଏଇ କ୍ଲବ୍‌ରେ ବେଶୀ ସମୟ ଅତିବାହିତ କରିଥାନ୍ତି। ବେଳେବେଳେ ଏସବୁ ଜାଗାଗୁଡ଼ିକରେ ଚଢ଼ଉ ହେଉଥିଲେ ମଧ୍ୟ ସମ୍ପୂର୍ଣ୍ଣ ରୋକାଯାଇପାରି ନାହିଁ। ସହରରେ ରହୁଥିବା କିଛି ସମ୍ଭ୍ରାନ୍ତ ଶ୍ରେଣୀର ପିଲାମାନେ ମଧ୍ୟ ଏବେ ଏଇ ରାସ୍ତାରେ ଚାଲିଛନ୍ତି, ଯାହାକି ସଂପୃକ୍ତ ପରିବାର ପାଇଁ ଚିନ୍ତାର ବିଷୟ ପାଲଟିଛି।

# ନିଶାମୁକ୍ତ ହେବ ଉଚ୍ଚ ଶିକ୍ଷାନୁଷ୍ଠାନ କ୍ୟାମ୍ପସ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ନିଶାମୁକ୍ତ ହେବ ସମସ୍ତ ଶିକ୍ଷାନୁଷ୍ଠାନ ପରିସର । ଆଜିର ସମୟରେ ନିଶା ସେବନ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଅଟେ । ଏହାର ପ୍ରଭାବରେ ଯୁବପିଢିଙ୍କ ମଧ୍ୟରେ ହିଂସା ହତ୍ୟା ଲୁଣ୍ଠନ ଭଳି ମନୋବାବ ବଢିବାରେ ଲାଗିଛି । ନିଶାଦ୍ରବ୍ୟ ବ୍ୟବହାର ଦ୍ୱାରା ଯୁବ ସମାଜ ପଥ ଭ୍ରଷ୍ଟ ହେଉଥିବାରୁ ଚିନ୍ତା ବଢ଼ାଇଛି । ଏନେଇ ନିଶାଦ୍ରବ୍ୟକୁ ନେଇ ବିଦ୍ୟାଳୟ ଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ସଚେତନତା କରାଯିବ। ଶିକ୍ଷାନୁଷ୍ଠାନରେ ସଚେତନତା କରାଯିବ । ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନରେ ନିଶାମୁକ୍ତ ଭାରତ ଅଭିଯାନକୁ ଜୋରଦାର କରିବାକୁ ୟୁଜିସି ନିର୍ଦ୍ଦେଶ ଦେଇଛି । ବୈଷୟିକ ଶିକ୍ଷା ବିଭାଗ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ସହ ସମନ୍ୱୟ ରଖି କାମ କରିବ ଉଚ୍ଚଶିକ୍ଷା ବିଭାଗ । ଉଭୟ କଲେଜ ଓ ହଷ୍ଟେଲ ଗୁଡ଼ିକରେ ଏହାକୁ କଡ଼ାକଡ଼ି କରାଯିବ ପାଇଁ ନିର୍ଦ୍ଦେଶ ରହୁଛି । ଏନେଇ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି, 'ୟୁଜିସିଙ୍କ ପରାମର୍ଶ କ୍ରମେ ଆମେ କଲେଜ ଓ ବିଶ୍ୱବିଦ୍ୟାଳୟ ଗୁଡିକୁ ନିଶାମୁକ୍ତ କରିବା ଦିଗରେ ଅଗ୍ରସର ହେବୁ । ଉଚ୍ଚଶିକ୍ଷା, ବୈଷୟିକ ଶିକ୍ଷାକୁ ନେଇ କାମ କରିବୁ । ଏନେଇ ୟୁଜିସି ଏକ ନିର୍ଦ୍ଦେଶାବଳୀ ଦେଇଛନ୍ତି, ଯାହା ସ୍ୱାଗତଯୋଗ୍ୟ ଅଟେ । କେମିତି କମିଟି ହେବ, ପିଲାଙ୍କ ଭିତରେ ସଚେତନତା ସୃଷ୍ଟି ଓ ପାଠ୍ୟକ୍ରମରେ ସାମିଲ କରିବା ଦିଗରେ ପଦକ୍ଷେପ ନିଆଯିବ । ଏହା ସାମାଜିକ ସୁରକ୍ଷା ପାଇଁ ପାଳନ ହେବାର ଆବଶ୍ୟକତା ଅଛି।' ଏନେଇ କ୍ୟାପିଟାଲ ହାଇସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ନିରୁପମା ମଙ୍ଗରାଜ କହିଛନ୍ତି, 'ସ୍କୁଲ ହତା ମଧ୍ୟରେ ବା ହତା ବାହାର ପାଖରେ ନିଶାଦ୍ରବ୍ୟ ବିକ୍ରି କରିବା ନେଇ ନଜରକୁ ଆସିନାହିଁ । ପିଲାଙ୍କୁ ସବୁବେଳେ ନିଶାଦ୍ରବ୍ୟକୁ ନେଇ ସଚେତନତା କରାଯାଉଛି । ସରକାରଙ୍କ ତରଫରୁ ନିର୍ଦ୍ଦେଶ ଆସିଛି । ନିର୍ଦ୍ଦେଶ ଅନୁସାରେ ପିଲାମାନଙ୍କୁ ଆମେ ସଚେତନ କରୁଛୁ । ଏହାସହ ଅଭିଭାବକମାନଙ୍କୁ ମଧ୍ୟ ସ୍କୁଲ ବୈଠକରେ ସଚେତନତା କରାଯାଉଛି।' ରାଜ୍ୟର ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଏବଂ ବୈଷୟିକ ଓ ଭେଷଜ ଅନୁଷ୍ଠାନ, ଆଇ ଆଇ ଏମ୍ ଓ ଆଇଆଇଟି ଆଦି ଶିକ୍ଷାନୁଷ୍ଠାନରେ ସଚେତନତା ପାଇଁ ଶପଥ ପାଠ ଗ୍ରହଣ କରାଯିବାର ଯୋଜନା କରାଯାଇଛି । ଏହା ସହ ସାଂସ୍କୃତିକ ସାମାଜିକ କ୍ରୀଡା ଓ ଗଣଦୌଡ ମାଧ୍ୟମରେ ନିଶା ନିବାରଣ ସମ୍ବନ୍ଧୀୟ ପ୍ରଚାରପ୍ରସାର କରାଯିବ ବୋଲି ୟୁଜିସି ପ୍ରକାଶ କରିଛନ୍ତି ।

# ଖଣ୍ଡଗିରି ଅଞ୍ଚଳରୁ ଗଛ କମିବା ଦ୍ୱାରା ଉଦ୍‌ବେଗଜନକ ପରିସ୍ଥିତି ସୃଷ୍ଟି

**ଖଣ୍ଡଗିରି, ନ୍ୟୁଜ ବ୍ୟୁରୋ**

ଖଣ୍ଡଗିରି ଓ ଉଦୟଗିରି ପାହାଡ଼ ଉପରେ ମାଙ୍କଡ଼ ଦେଖିବାକୁ ମିଳୁନାହାନ୍ତି। ଦିନତମାମ ମାଙ୍କଡ଼ଙ୍କ କୋଳାହଳରେ କମ୍ପି ଉଠୁଥିବା ଖଣ୍ଡଗିରି ପରିବେଶ ଏବେ ନିରବି ଯାଇଛି। ହଜାର ହଜାର ସଂଖ୍ୟାରେ ପାତି ଓ ହନୁମାଙ୍କଡ଼ ପଲ କୁଆଡ଼େ ଗଲେ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କିଏ କହୁଛି ଦିନରେ ପ୍ରଚଣ୍ଡ ଖରା ଯୋଗୁ ମାଙ୍କଡ଼ ଦେଖିବାକୁ ମିଳୁନାହାନ୍ତି ତ ଆଉ କିଏ କହୁଛି ଖାଦ୍ୟାଭାବରୁ ମାଙ୍କଡ଼ ସବୁ ଚନ୍ଦକାମୁହାଁ ହୋଇଛନ୍ତି। ସେହିପରି ଖଣ୍ଡଗିରି ଅଞ୍ଚଳରୁ ଗଛ କମିବା ଦ୍ୱାରା ଏଭଳି ଉଦ୍‌ବେଗଜନକ ପରିସ୍ଥିତି ସୃଷ୍ଟି ହୋଇଥିବା କିଛି ପରିବେଶବିତ୍ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଖଣ୍ଡଗିରି ପାହାଡ଼ ପାଦଦେଶ ଓ ଜଙ୍ଗଲ, ଉଦୟଗିରି, ପାଠ୍ଠିକା ଆଦି ଅଞ୍ଚଳରେ ହଜାର ହଜାର ମାଙ୍କଡ଼ ବାସ କରନ୍ତି। ଦିନତମାମ ପର୍ଯ୍ୟଟକଙ୍କଠାରୁ ଖାଦ୍ୟଖାଇ ଗଛଡାଳକୁ ଡେଇଁଡେଇଁ ଖେଳିଥାନ୍ତି। ଏମିତିକି ପର୍ଯ୍ୟଟକଙ୍କ ଉପରେ ଚଢ଼ି ବାଦାମ, କଦଳୀ ଆଦି ଖାଇଥାନ୍ତି। ସେହିପରି ପିକ୍‌ନିକ୍‌ରେ ଆସିଥିବା ସ୍କୁଲ କଲେଜ ପିଲାଙ୍କ



ମନୋରଞ୍ଜନର ଖୋରାକ ପାଲଟିଥାନ୍ତି ମାଙ୍କଡ଼। ବର୍ତ୍ତମାନ ଖଣ୍ଡଗିରିରେ ପର୍ଯ୍ୟଟକଙ୍କ ସଂଖ୍ୟା କମିଥିଲା ବେଳେ ମାଙ୍କଡ଼ମାନେ ଖାଦ୍ୟ ନପାଇ ଅନ୍ୟତ୍ର ଚାଲିଯାଉଛନ୍ତି। ଏଠାରେ କାର୍ଯ୍ୟରତ ଜଣେ ସୁରକ୍ଷା କର୍ମୀଙ୍କ କହିବା ମୁତାବକ, ମାଙ୍କଡ଼ ସକାଳ ସମୟରେ ଦେଖାଯାଉଛନ୍ତି। ତେବେ ଦିନବେଳା ଖରା ଯୋଗୁ ମାଙ୍କଡ଼ମାନେ ଏଠାରୁ ଚାଲିଯାଉଛନ୍ତି। ଖଣ୍ଡଗିରି ପରିସରକୁ ଆବର୍ଜନାମୁକ୍ତ କରିବା ଉଦ୍ଦେଶ୍ୟରେ ବର୍ଷେ ହେଲା ଭିତରକୁ ଖାଦ୍ୟ ନେବା ଲାଗି ବାରଣ କରାଯାଇଛି। ସେହିପରି ଫାଟକ ସମ୍ମୁଖରେ ବାରମ୍ବାର ଅଳିଆ ଜମିବା କାରଣରୁ ଏଠାରେ ମାଙ୍କଡ଼କୁ ଖାଦ୍ୟ ଦେବାକୁ ମନା କରାଯାଇଛି ବୋଲି ସେ କହିଛନ୍ତି। ସେହିପରି ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ପାହାଡ଼ ଉପରେ ପାଣି ନପାଇ ମାଙ୍କଡ଼ପଲ ବିଭିନ୍ନ କଲୋନିରେ ପଶି ଉତ୍ପାତ କରୁଛନ୍ତି। ପଶ୍ଚିମବଙ୍ଗରୁ ନିଜ ପରିବାର ସହିତ ଖଣ୍ଡଗିରି ଓ ଉଦୟଗିରି ବୁଲିଆସିଥିବା ସୋମ ରାୟ କୁହନ୍ତି, ତିନି ବର୍ଷ ତଳେ ଖଣ୍ଡଗିରି ବୁଲି ଆସିଥିଲି। ସେତେବେଳେ ପ୍ରବଳ ମାତ୍ରାରେ ମାଙ୍କଡ଼ ଥିଲେ। ମାତ୍ର ଏବେ ଗୋଟିଏ ବି ମାଙ୍କଡ଼ ଦେଖିବାକୁ ମିଳୁନାହାନ୍ତି। ଖଣ୍ଡଗିରି ଫାଟକ ନିକଟରେ କଦଳୀ ଓ ଚିନାବାଦାମ ବିକ୍ରି କରୁଥିବା ଜଣେଉଠାଦୋକାନୀ କହିଛନ୍ତି, ଏଠାରେ ମାଙ୍କଡ଼ଙ୍କୁ ଖାଇବାକୁ ଦେବାକୁ ମନା କରାଯାଇଛି। ଲୋକେ ଆସି ବାଦାମ, କଦଳୀ, ମକା କିଣି ମାଙ୍କଡ଼ଙ୍କୁ ଖାଇବାକୁ ଦେଉଥିଲେ ବୋଲି ଦୁଇପଇସା ମିଳୁଥିଲା। ଏବେ ଏସବୁ ବନ୍ଦ ହେବା ଫଳରେ ବେପାର ମାନ୍ଦା ଚାଲିଛି ବୋଲି ଦୁଃଖର ସହିତ କହିଛନ୍ତି। ବିଶିଷ୍ଟ ଐତିହ୍ୟ ଗବେଷକ ଅନୀଲ ଧୀର କୁହନ୍ତି, ବିଭିନ୍ନ ସମୟରେ ମାଙ୍କଡ଼ମାନେ ହିଂସ୍ର ହୋଇ ପର୍ଯ୍ୟଟକଙ୍କୁ କାମୁଡ଼ିବାର ଆଶଙ୍କା ରହୁଛି। ଖରାଦିନେ ଚନ୍ଦକା ଅଭୟାରଣ୍ୟରେ ହାତୀମାନଙ୍କ ଲାଗି ପାଣିର ବ୍ୟବସ୍ଥା ହୋଇଥାଏ। ଏଣୁ ଜଙ୍ଗଲରେ ପ୍ରଚୁର ଖାଦ୍ୟ ଓ ପାଣି ଯୋଗୁ ମାଙ୍କଡ଼ମାନେ ଚନ୍ଦକାକୁ ଚାଲିଯାଇ ଥାଇପାରନ୍ତି ବୋଲି କହିଛନ୍ତି।

# ଚଳିତ ବର୍ଷ ରେକର୍ଡ ଜଳବାୟୁ ବିପର୍ଯ୍ୟୟ କ୍ଷତି



**ନୂଆଦିଲ୍ଲୀ :**

ଚଳିତବର୍ଷ ଘୂର୍ଣ୍ଣିବାତ୍ୟା, ଝଡ଼, ବନ୍ୟା ଓ ଅନ୍ୟାନ୍ୟ ଜଳବାୟୁ ପରିବର୍ତ୍ତନ ଜନିତ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ପ୍ରାୟ ସାଢ଼େ ଚଉଦ ହଜାର କୋଟି ଡଲାର ମୂଲ୍ୟର ବୀମାକୃତ କ୍ଷତି ହୋଇପାରେ ବୋଲି ଅନ୍ତର୍ଜାତୀୟ ବୀମା କମ୍ପାନି 'ସ୍ୱିସ୍ ରେ' ଦ୍ୱାରା ଆକଳନ କରାଯାଇଛି। ପ୍ରକାଶିତ ଏ ସଂକ୍ରାନ୍ତ ରିପୋର୍ଟରେ ଏହି କ୍ଷତି ୨୦୨୪ ତୁଳନାରେ ପ୍ରାୟ ୬ ପ୍ରତିଶତ ଅଧିକ ହେବ ଏବଂ ୨୦୨୫ ସବୁଠାରୁ ମହଙ୍ଗା ବର୍ଷ ସାବ୍ୟସ୍ତ ହେବ ବୋଲି କୁହାଯାଉଛି। ଉଲ୍ଲେଖଯୋଗ୍ୟ, ଗତବର୍ଷ ପ୍ରାକୃତିକ ବିପର୍ଯ୍ୟୟରୁ ବୀମାକୃତ ହୋଇଥିବା କ୍ଷତିର ପରିମାଣ ୧୩,୭୦୦ କୋଟି ଡଲାର ହୋଇଥିଲା ବୋଲି ଆକଳନ କରାଯାଇଛି, ଯାହା ଦୀର୍ଘକାଳୀନ ହାରାହାରି କ୍ଷତିଠାରୁ ମଧ୍ୟ ଯଥେଷ୍ଟ ଅଧିକ।

'ସ୍ୱିସ୍ ରେ'ର ଏହି ରିପୋର୍ଟରେ ଚଳିତବର୍ଷ ଆରମ୍ଭରେ ଲସ୍‌ଏଞ୍ଜେଲସ୍‌ରେ ସଂଘଟିତ ବନାଗ୍ନିକୁ ଆକଳନ କରାଯାଇଥିବା କ୍ଷତିରେ ଏକ ପ୍ରମୁଖ ଅବଦାନକାରୀ ଭାବେ ଦର୍ଶାଯାଇଛି। କାରଣ ଏହି ବନାଗ୍ନି ଦ୍ୱାରା ଆନୁମାନିକ ୪,୦୦୦ କୋଟି ଡଲାର ମୂଲ୍ୟର ବୀମାକୃତ କ୍ଷତି ହୋଇଥିବା ଆକଳନ କରାଯାଇଛି। ଏଠାରେ ପ୍ରାଣିଧାନଯୋଗ୍ୟ, ଅର୍ଥନୈତିକ ଓ ଜନସଂଖ୍ୟା ବୃଦ୍ଧି ସହିତ ସହରାଞ୍ଚଳ ବିସ୍ତାର ସହ ଜଡ଼ିତ ଅନ୍ତର୍ନିହିତ ବିପଦ ମଧ୍ୟ ନିରନ୍ତର ବୃଦ୍ଧି ପାଉଛି। ଏଥିରେ ପ୍ରାକୃତିକ ବିପର୍ଯ୍ୟୟର ଆଶଙ୍କା ଥିବା ଅଞ୍ଚଳଗୁଡ଼ିକ ମଧ୍ୟ ଅନ୍ତର୍ଭୁକ୍ତ। ଏଥି ସହିତ ଜଳବାୟୁ ପରିବର୍ତ୍ତନର ପ୍ରଭାବ ମଧ୍ୟ କିଛି ପାଣିପାଗ ବିପଦ ଓ ଆଞ୍ଚଳିକ କ୍ଷତି ବୃଦ୍ଧି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି ବୋଲି ଉକ୍ତ ରିପୋର୍ଟରେ କୁହାଯାଇଛି।

# ନକଲି ବିଦେଶୀ ମଦ ଜବତ : ୫ ଗିରଫ

**ବୈପାରିଗୁଡା, ନ୍ୟୁଜ ବ୍ୟୁରୋ**

ବୈପାରିଗୁଡାର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗର ଚଢ଼ଉ । ଏହି ଚଢଉରେ ବିପୁଳ ପରମାଣର ନକଲି ବିଦେଶୀ ମଦ ଜବତ କରିବା ସହ ୫ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଗିରଫ ୫ ଅଭିଯୁକ୍ତ କେନ୍ଦୁଗୁଡା ଗ୍ରାମର ଜଗୁ ଦୁରୁଆ, ଫାମ୍ପୁଣୀ ଗ୍ରାମର ଶୈଳେନ୍ଦ୍ର ବେହେରା ଏବଂ କୁନ୍ଦୁରା ଗ୍ରାମର ସୁଶାନ୍ତ ଜାନୀ, ତାଲୁର ଗ୍ରାମର ପକଲୁ ଦୁରୁଆ, ଏବଂ ଘୁମର ଗ୍ରାମର ଅନିଲ ପଟ୍ଟନାୟକ ବୋଲି ଜଣାପଡ଼ିଛି। କୋରାପୁଟ ଜିଲ୍ଲା ବୈପାରୀଗୁଡା ଅଞ୍ଚଳରେ ଏଭଳି ଘଟଣା ଘଟିଛି । ସୂଚନା ମୁତାବକ, ବୈପାରିଗୁଡାର ବିଭିନ୍ନ ସ୍ଥାନରେ ନକଲି ବିଦେଶୀ ମଦ କାରବାର ହେଉଥିବା ନେଇ ଅବକାରୀ ବିଭାଗ ଏକ ବିଶେଷ ସୂତ୍ରରୁ ଖବର ପାଇଥିଲା। ଖବର ପାଇ କୋରାପୁଟ ଅବକାରୀ ଅଧିକ୍ଷକ ଅରୁଣ କୁମାର ପାଢ଼ୀଙ୍କ ନିର୍ଦ୍ଦେଶକ୍ରମେ ନନ୍ଦପୁର ଅବକାରୀ ଇନ୍ସପେକ୍ଟର ଅନ୍ନପୂର୍ଣ୍ଣା ରଥ ଏବଂ ବୈପାରିଗୁଡା ଅବକାରୀ ଓଆଇସି ଭଗବାନ ମହାନନ୍ଦିଆଙ୍କ ନେତୃତ୍ୱରେ ଏହି ଚଢ଼ଉ କରାଯାଇଛି ।

# ପୁରୀ-ବ୍ରହ୍ମଗିରି ରାଜ୍ୟ ରାଜପଥରେ ଚାଲିଛି ଅବାଧ ଦେଶୀ ମଦ କାରବାର

**ପୁରୀ, ନ୍ୟୁଜ ବ୍ୟୁରୋ**

ସାହିର ପରିବେଶ ନଷ୍ଟ ହୋଇଯାଇଛି । ଦିନ ତମାମ ନିଶାଖୋରଙ୍କ ଉତ୍ପାତ ଲାଗି ରହୁଥିବା ବେଳେ ସଞ୍ଜ ନଇଁଲେ ଆଉ ସହି ହେଉନି । ପରିବାର ନେଇ ସାହିରେ ଚଳିବା ଏବେ କଷ୍ଟକର ହୋଇପଡ଼ିଛି । ଘରୁ ବାହାରିବା ଅସୁରକ୍ଷିତ ଲାଗୁଛି । ସାହି ବାସିନ୍ଦାଙ୍କ ସହ ବାଟୋଇ ଓ ପର୍ଯ୍ୟଟକମାନେ ବି ନିଶାଖୋରଙ୍କ ପାଇଁ ସମସ୍ୟାରେ ପଡୁଛନ୍ତି । ଦୀର୍ଘଦିନ ଧରି ଏଭଳି ସମସ୍ୟାର ସମ୍ମୁଖୀନ ହୋଇ କଲବଲ ହେଉଥିବା କହିଛନ୍ତି କୁମ୍ଭାରପଡ଼ା ଥାନା ଅଧୀନ ନରେନ୍ଦ୍ର କୋଣ ମଙ୍ଗଳା ସାହି ବାସିନ୍ଦା । ସାହିର ମଙ୍ଗଳା ମନ୍ଦିର ସମ୍ମୁଖ ତଥା ପୁରୀ-ବ୍ରହ୍ମଗିରି ରାଜ୍ୟ ରାଜପଥରେ ଚାଲିଛି ଅବାଧ ଦେଶୀ ମଦ କାରବାର । ସୂଚନା ଅନୁସାରେ ଏହି ସାହିରେ ପ୍ରାୟ ୧୩୦ ପରିବାର ବାସ କରନ୍ତି । ଏଥିରୁ ୧୦ରୁ ଅଧିକ ପରିବାର ଏବେ ଭିନ୍ନ ଭିନ୍ନ ନିଶା କାରବାରରେ ଲିପ୍ତ ରହିଛନ୍ତି । ମୁଖ୍ୟତଃ ଦେଶୀ ରନ୍ଧାମଦ କାରବାର ଏବେ ସାହି ପରିବେଶକୁ ପ୍ରଭାବିତ କରିଛି । ଆଗରୁ ଦିନରାତି ଖୁଲମ୍‌ଖୁଲା ବେପାର ଚାଲିଥିଲା । ପୁଲିସର ଧରପଗଡ଼ ପରେ ଏବେ ବେପାରୀ ଚତୁରତାର ସହ କାରବାର କରୁଛନ୍ତି। ଦିନରେ ବିକ୍ରି କଲେ ପୁଲିସ ଘରେ ପଶି ବେପାରୀଙ୍କୁ ଉଠାଇ ନେଉଥିଲା । ତେଣୁ ଏବେ ରାତିରେ ବେପାର ଜୋର୍ଦା ହେଉଛି । ମହିଳାମାନେ ହିଁ ଏହି କାରବାର କରୁଛନ୍ତି । କାରଣ ରାତିରେ ପୁଲିସ ସେମାନଙ୍କୁ ଉଠାଇ ନେବାରେ ସମସ୍ୟା ହେଉଥିବାରୁ ଫାଇଦା ଉଠାଉଛନ୍ତି ମହିଳା ବେପାରୀ। ସନ୍ଧ୍ୟାରୁ ବସୁଛି ରନ୍ଧାମଦର ହାଟ । ସଞ୍ଜ ହେବା ମାତ୍ରେ ମଦ ବ୍ୟବସାୟୀଙ୍କ ଘରେ ଲାଗୁଛି ଭିଡ଼ । ରାସ୍ତା କଡ଼ରେ ହାଣ୍ଡି ଧରି ବସୁଛନ୍ତି ବେପାରୀ । ଧାଡ଼ିବାନ୍ଧି ପିଉଛନ୍ତି ନିଶାଖୋର । ଦୀର୍ଘ ସମୟ ଧରି ନିଶାଖୋରମାନେ ଏହି ବେପାରୀଙ୍କ ପାଖରେ ରହି ଉତ୍ପାତ ହେଉଛନ୍ତି । ପାଖରେ ବି ମିଳୁଛି ଚାଖଣ । ପୁଲିସ ଚଢ଼ଉ କଲେ ଅଳ୍ପ ମଦ ଜବତ ହେଉଥିବାରୁ ସେମାନେ ଅତି ସହଜରେ ଜାମିନ୍ ପାଇ ପୁଣି ଏହି କାରବାର କରୁଛନ୍ତି । ସେପଟେ ନିଶା ଚଢ଼ିଗଲା ପରେ ନିଶାଖୋରଙ୍କ ଉତ୍ପାତ ଅସହ୍ୟ ହେଉଛି । କିଏ ରାସ୍ତାରେ ଗଡୁଛି ତ ଆଉ କିଏ ଅଚେତ ହୋଇ ଡ୍ରେନ୍‌ରେ ପଡୁଛି । ପୁରୀ-ବ୍ରହ୍ମଗିରି ରାଜ୍ୟ ରାଜପଥ ଓ ନରେନ୍ଦ୍ର କୋଣ ଅଞ୍ଚଳରେ ଏହି ନିଶାଖୋରଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି । ରାସ୍ତାରେ ଯାନବାହାନ ରୋକି ଉନ୍ମତ୍ତ କାଣ୍ଡ ଭିଆଉଛନ୍ତି ନିଶାଖୋର । ଅଯଥା ସମସ୍ୟା ସୃଷ୍ଟି କରି ବାଟୋଇ ଓ ପର୍ଯ୍ୟଟକଙ୍କୁ ଟାଣି ନେଇ ପିଟୁଛନ୍ତି । ଏପରିକି ସେମାନେ ନରେନ୍ଦ୍ର କୋଣ ଅଞ୍ଚଳରେ ସ୍ଥାନୀୟ ଲୋକ ଓ ଯାତ୍ରୀଙ୍କ ଚଳପ୍ରଚଳରେ ବି ସମସ୍ୟା ସୃଷ୍ଟି କରୁଛନ୍ତି । ସନ୍ଧ୍ୟା ପରେ ମହିଳାମାନେ ମଦ ବିକ୍ରି କରୁଥିବାରୁ ପୁଲିସ ସେମାନଙ୍କୁ ଉଠାଇ ଆଣି ପାରୁନାହିଁ ବୋଲି କହିଛନ୍ତି ଆଇଆଇସି ଜୟଦୀପ ମହାନ୍ତି । ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ଇନ୍ସପେକ୍ଟର ଶ୍ରୀ ମହନ୍ତି ।

# ଦଶପଲ୍ଲାରେ ଅପପୁଷ୍ଟିରେ ଶଢୁଛନ୍ତି ଚିକିତ୍ସା ପାଇଁ ମୁହଁ ମୋଡୁଛନ୍ତି

**ଦଶପଲ୍ଲା, ନ୍ୟୁଜ ବ୍ୟୁରୋ**

ଫୁଙ୍ଗୁଳା ଦେହ ସାଙ୍ଗକୁ ନୁଖୁରା ମୁଣ୍ଡ। ଆଖି କୋରଡ଼କୁ ପଶି ଯାଇଛି। କିଏ ବଣପାହାଡ଼ ବୁଲି ପାଚିଲା ତାଳ ଖାଉଛି ତ କାହା ହାତରେ ଲୁଣ ସାଙ୍ଗକୁ ବାସି ତୋରାଣି। ଅପପୁଷ୍ଟିର ଶିକାର ହୋଇଥିବା ଗାଁର ଏମିତି ମାଳମାଳ ପିଲା ଘୂରି ବୁଲୁଛନ୍ତି। ହେଲେ ଡାକ୍ତରଖାନା ନାଁ ଧରିଲେ ସେମାନଙ୍କ ପରିବାର ମୁହଁ ମୋଡୁଛନ୍ତି। ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ୍ କୁଲୁରୁକୁମ୍ପା ପଞ୍ଚାୟତର ବଣପାହାଡ଼ ଘେରା କୋହ୍ଲସାହିରେ ନଗଡ଼ାର ଏଭଳି ଭିନ୍ନ ଏକ



ଚିତ୍ର ପ୍ରାଶାସନିକ ବ୍ୟବସ୍ଥା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। କୋହ୍ଲସାହି କହିଲେ ଦଶପଲ୍ଲା ସମେତ ଆଖପାଖ ଗ୍ରାମର ଲୋକ ବେଶ୍ ଜାଣନ୍ତି। ସ୍ଥାନୀୟ ଅଧିବାସୀଙ୍କ କହିବା ଅନୁଯାୟୀ, ସେମାନେ ହେଉଛନ୍ତି ଶବର ବା ଶବର ସମାଜ। ଗାଁରେ ୪୦ ପରିବାର ଦୀର୍ଘବର୍ଷ ସ୍ଥାୟୀ ଭାବେ ବସବାସ କରି ଆସୁଛନ୍ତି। ପ୍ରତି ପରିବାରରେ ୫ରୁ ୭ଟି ଛୁଆ ରହିଛନ୍ତି। ବିଦ୍ୟାଳୟରେ ନାଁ ଲେଖା ହୋଇଛି ସତ, ହେଲେ କେହି ବିଦ୍ୟାଳୟ ବାରଣ୍ଡା ମାଡ଼ନ୍ତି ନାହିଁ। ଗାଁରେ କେହି ସାର୍ଟ-ପ୍ୟାଣ୍ଟ ପିନ୍ଧା ଲୋକ ପହଞ୍ଚିଲେ, ବାବୁ ଆସିଛନ୍ତି କହି କିଏ ଘରକୁ ଦୌଡ଼ି ପଳାଉଛି ତ ପୁଣି କିଏ ବାବୁ ଚକୋଲେଟ୍ ଦେବେ କହି ଧାଇଁ ଆସିଥାନ୍ତି। ଗାଁରେ ଏକ ଅଙ୍ଗନବାଡ଼ି କେନ୍ଦ୍ର ରହିଛି। ଦିଦି କେବେ ଆସନ୍ତି ଓ ଯାଆନ୍ତି କେହି ଜାଣନ୍ତି ନାହିଁ। ବିଭିନ୍ନ ସମୟରେ ଅଙ୍ଗନବାଡ଼ିକୁ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ଆରବିଏସ୍‌କେ ଟିମ୍ ପହଞ୍ଚୁଛି। ମାତ୍ର ସ୍ୱାସ୍ଥ୍ୟ ପରୀକ୍ଷା କରାଇଲେ ୩ରୁ ୪ଟି ପିଲା ନିଶ୍ଚୟ ଅପପୁଷ୍ଟିର ଶିକାର ଥିବା ଚିହ୍ନଟ ହେଉଛନ୍ତି। କିନ୍ତୁ ଚିକିତ୍ସା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ର ଯିବାକୁ କେହି ରାଜି ହେଉନାହାନ୍ତି। ଗାଁର ଅଧିକାଂଶ ଶିଶୁ ଚର୍ମରୋଗରେ ଆକ୍ରାନ୍ତ।

# ବେଲଗାମ ଘରୋଇ ହଷ୍ଟେଲ ଭଡ଼ା: ପ୍ରଶାସନର ନିୟନ୍ତ୍ରଣ ନାହିଁ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି ହେଉ ଅଥବା ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ପଢ଼ିବାକୁ, ପ୍ରତିବର୍ଷ ହଜାର ହଜାର ଛାତ୍ରଛାତ୍ରୀ ଭୁବନେଶ୍ୱରମୁହାଁ ହେଉଛନ୍ତି। ମାତ୍ର ସେମାନଙ୍କ ରହିବା ପାଇଁ ସହରରେ ଯଥେଷ୍ଟ ହଷ୍ଟେଲ ନାହିଁ। କେତେକ ସରକାରୀ ଶିକ୍ଷାନୁଷ୍ଠାନରେ ହଷ୍ଟେଲରେ ରହିଥିଲେ ମଧ୍ୟ ସେଥିରେ ଆବଶ୍ୟକୀୟ ସିଟ୍ ନାହିଁ। ପରିଣାମ ସ୍ୱରୂପ ଛାତ୍ରଛାତ୍ରୀ ବାଧ୍ୟ ହୋଇ କ୍ୟାମ୍ପସ ବାହାରେ ହଷ୍ଟେଲ କିମ୍ବା ପେଇଙ୍ଗ୍ ଗେଷ୍ଟରେ ରହିବାକୁ ବାଧ୍ୟ ହେଉଛନ୍ତି। ଆଉ ଏହାର ଫାଇଦା ନେଇ ହଷ୍ଟେଲ ମାଲିକମାନେ ଏବେ ପ୍ରତିବର୍ଷ ଘର ଭଡ଼ା ବଢ଼ାଇ ଚାଲିଛନ୍ତି। କେହି କେହି ଆଗୁଆ ଦୁଇ ମାସର ଭଡ଼ା ନେଇଯାଉଛନ୍ତି। କେଉଁଠି ବେଡ୍ ଅନୁଯାୟୀ ଭଡ଼ା ବଢୁଛି ତ ଆଉ କେଉଁଠି ଘରର ଆକାର ହିସାବରେ।



ତା'ପରେ ମଧ୍ୟ ଅଧିକାଂଶ ହଷ୍ଟେଲରେ ସୁରକ୍ଷା ଓ ସ୍ୱଚ୍ଛତା ବ୍ୟବସ୍ଥା ଠିକ୍ ରହୁ ନାହିଁ। ହଷ୍ଟେଲ୍‌ରେ ଗାଡ଼ି, ସାଇକେଲ ରଖିବାକୁ ଜାଗା ନ ଥିବାରୁ ଛାତ୍ରଛାତ୍ରୀ ହଇରାଣ ହେବାକୁ ପଡ଼ିଛି।

ଉତ୍କଳ ଓ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ନିକଟରେ ରହିବାକୁ ଛାତ୍ରଛାତ୍ରୀ ଅଧିକ ଆଗ୍ରହ ଦେଖାଉଛନ୍ତି। ଏଥିସହ ଜାତୀୟ ରାଜପଥ ନିକଟରେ ଥିବା ଆଚାର୍ଯ୍ୟବିହାର, ଜୟଦେବବିହାର ଓ ବାଣୀବିହାର ଛକରେ ୫୦ରୁ ଅଧିକ କୋଚିଂ ସେଣ୍ଟର ତଥା ସରକାରୀ, ବେସରକାରୀ ପ୍ରତିଷ୍ଠାନ ଖୋଲିଛି। ତେଣୁ ବିଭିନ୍ନ ପରୀକ୍ଷା ପାଇଁ ପ୍ରସ୍ତୁତି କରିବାକୁ ଏହି ଅଞ୍ଚଳ ଛାତ୍ରଛାତ୍ରୀଙ୍କ ପ୍ରଥମ ପସନ୍ଦ ପାଲଟିଛି। ହେଲେ ଆବଶ୍ୟକତା ଅନୁଯାୟୀ ଘର ମିଳୁ ନାହିଁ। ଘର ଖଣ୍ଡେ ପାଇବାକୁ ପିଲାମାନଙ୍କୁ ଦହଗଞ୍ଜ ହେବାକୁ ପଡୁଛି। ଏଠାକାର ହଷ୍ଟେଲଗୁଡ଼ିକରେ ସାଧାରଣତଃ ଚାରିପ୍ରକାର ଭଡ଼ା ଦିଆଯାଉଛି। ୧୮୦୦ ଟଙ୍କାରେ ଗୋଟିଏ କଠୋରିରେ ୪ ରୁ ୫ଜଣ ଛାତ୍ରଛାତ୍ରୀ ରହୁଛନ୍ତି। ସେମାନଙ୍କୁ ୭୦ରୁ ୮୦ ସେମି ଚଉଡ଼ାର ଏକ ଖଟ ସହ ଗୋଟିଏ ଶୌଚାଳୟ ବ୍ୟବହାର କରିବାକୁ ଦିଆଯାଉଛି। ସେହିପରି ୨୨୦୦ ଟଙ୍କାରେ ଗୋଟିଏ କୋଠରିରେ ତିନିଜଣ ରହିବାର ସୁବିଧା ହୋଇଛି ଏବଂ ଖଟ ସହ ଜିନିଷପତ୍ର ରଖିବାକୁ ଗୋଟିଏ କପ୍‌ବୋର୍ଡ ରହିଛି। ୩୦୦୦ ଟଙ୍କାରେ ଗୋଟିଏ ପ୍ରକୋଷ୍ଠରେ ଦୁଇ ଜଣ ସହିତ ଏକ କପ୍ ବୋର୍ଡ, ସ୍ୱତନ୍ତ୍ର ରୋଷେଇ ଘର, ଇଲେକ୍‌ଟ୍ରୋନିକ୍ସ ଜିନିଷ ଯେପରିକି ଗ୍ରାଇଣ୍ଡର, ଆଇରନ ବ୍ୟବହାର କରିବାକୁ ଅନୁମତି ମିଳୁଛି। ହଷ୍ଟେଲରେ ଯେଉଁ ରୋଷେଇ ଘର ରହିଛି ତାହା ବହୁତ ଛୋଟ କଠୋରି। ଏପରିକି ଯେଉଁଠି କମ୍ ମୂଲ୍ୟରେ ଭଡ଼ା ମିଳିଛି ସେଠାରେ ବେଡ୍ ପାଖରେ ରୋଷେଇ କରିବାକୁ ସୁଯୋଗ ଦିଆଯାଇଛି। କେତେକ ସ୍ଥାନରେ କୋଟିଏ କୋଠରିରେ ଲାଇନରେ ଚୁଲା ଥୁଆ ହୋଇଛି। ହେଲେ ହଷ୍ଟେଲରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଆଦୌ ନ ଥିବାରୁ ଏବେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ନିକଟରେ ଦିଲ୍ଲୀରେ ଘଟିଥିବା ଦୁର୍ଘଟଣା ଭଳି ଏଠାରେ ମଧ୍ୟ କେତେବେଳେ କ'ଣ ହୋଇଯିବ ତାହାକୁ ନେଇ ଛାତ୍ରଛାତ୍ରୀ ଆଶଙ୍କାରେ ରହିଛନ୍ତି। ୫ ବର୍ଷ ଧରି ଆଚାର୍ଯ୍ୟବିହାରରେ ରହୁଥିବା ମାନସ ସାମଲଙ୍କ କହିବାନୁଯାୟୀ, ପୂର୍ବରୁ ଏଠାରେ ଗୋଟିଏ କୋଠରୀରେ ସମସ୍ତ ସୁବିଧା ଥିବା ଘର ୪୦୦୦ ଟଙ୍କାରେ ମିଳିଯାଉଥିଲା। ବର୍ତ୍ତମାନ ତାହା ୬ରୁ ୭୦୦୦ରେ ପହଞ୍ଚିଲାଣି। ହଷ୍ଟେଲଗୁଡ଼ିକରେ ସିଟ୍‌ପିଛା ଭଡ଼ା ବଢୁଛି। ମାତ୍ର ମୌଳିକ ସୁବିଧାରେ କୌଣସି ସୁଧାର ଆସିନାହିଁ। ଘରଛାତରୁ ପାଣି ଗଳିବା ନେଇ ଅଭିଯୋଗ କଲେ ଛାଡ଼ି ଦେବାକୁ ମାଲିକ ଧମକ ଦେଉଛନ୍ତି। ପୁଲିସ କିମ୍ବା ମହାନଗର ପ୍ରଶାସନ ପକ୍ଷରୁ କୌଣସି ପ୍ରକାର କଟକଣା ନ ଥିବାରୁ ମାଲିକମାନଙ୍କ ମନମାନୀ ବଢ଼ିଚାଲିଛି। ନୂଆକରି ଭୁବନେଶ୍ୱର ଆସିଥିବା ଛାତ୍ରୀ କଳ୍ପନା ମହାନ୍ତି କହନ୍ତି, ''କୋଚିଂ ସେଣ୍ଟର ନିକଟରେ ଘର ପାଇବାକୁ ମାସେ ହେଲା ବୁଲୁଛି। ଯେଉଁ କିଛି ସ୍ଥାନରେ ଖାଲି ଅଛି, ସେଠାରେ ଅଧିକ ଦର କହୁଛନ୍ତି। ମାତ୍ର ଆବଶ୍ୟକ ଅନୁଯାୟୀ ସୁବିଧା ନାହିଁ। ବସ୍ତି ଅଞ୍ଚଳରେ କମ୍‌ଦାମରେ ଘରଭଡ଼ା ମିଳୁଥିଲେ ମଧ୍ୟ ସେଠାରେ ରହିବା ସୁରକ୍ଷିତ ନୁହେଁ। ତେଣୁ ବାଧ୍ୟ ହୋଇ ଏବେ ଜଣେ ସମ୍ପର୍କୀୟଙ୍କ ଘରେ ରହୁଛି।''

# ପିଲାଙ୍କ ମହାଭାରତ-୩୩

## ଦ୍ରୌପଦୀଙ୍କ ସ୍ୱୟଂବର ସଭାରେ ପାଣ୍ଡବ ଭାଇ-୨



ନିତ୍ୟାନନ୍ଦ ପଣ୍ଡା



ଅର୍ଜୁନ ସିଧାଗଲେ ଧନୁ ପାଖକୁ । ଧନୁକୁ ଛୁଇଁବା ପୂର୍ବରୁ ଧୃଷ୍ଟଦ୍ୟୁମ୍ନଙ୍କ ଉଦ୍ଦେଶ୍ୟରେ କହିଲେ – ମୁଁ ଜଣେ ବ୍ରାହ୍ମଣ । ବ୍ରାହ୍ମଣ ଭାଗ ନେଇ ପାରିବ ?

ଧୃଷ୍ଟଦ୍ୟୁମ୍ନ କହିଲେ- ବ୍ରାହ୍ମଣ ଉଚ୍ଚକୁଳର ନୁହଁକି ? ମୁଁ ଏବେବି ମୋ ଘୋଷଣା ଉପରେ ଅଟଳ ରହିଛି । ଦେଖ, ଭାଗ୍ୟ ପରୀକ୍ଷା କର !

ଅର୍ଜୁନ ନାରାୟଣଙ୍କୁ ସୁମରଣା କଲେ । ତା'ପରେ ଫୁଲଟିଏ ପରି ଧନୁକୁ ଉଠେଇନେଲେ ଏବଂ ଥରେ ଲକ୍ଷ୍ୟସ୍ଥଳକୁ ଚାହିଁ ଲାଗ୍‌ଲାଗ୍ ପାଞ୍ଚୋଟି ତୀର ବିନ୍ଧିଦେଲେ । ବାସ୍ ! ଲକ୍ଷ୍ୟସ୍ଥଳଟି ଭେଦକରିବ କ'ଣ, ତାହା ଆଘାତପାଇ ତଳେ ପଡ଼ିଗଲା ।

ରାଜପୁରୁଷମାନେ ସ୍ତମ୍ଭିତ । ଏହି ବ୍ରାହ୍ମଣ କିଏ ? ଉପସ୍ଥିତ ବ୍ରାହ୍ମଣମାନଙ୍କ ଆନନ୍ଦ କହିଲେ ନସରେ । ସେମାନେ ନାଚୁଥିଲେ । ଦ୍ରୌପଦୀ ନିଜ ଆସନରୁ ଉଠି ଠିଆହେଲେ । ତାଙ୍କ ମୁହଁ ଉଜ୍ଜ୍ୱଳ ଦିଶୁଥିଲା । ଫୁଲମାଳା ହାତରେ ସେ ଆଗେଇଲେ ଓ ବ୍ରାହ୍ମଣବେଶୀ ଅର୍ଜୁନ ବେକରେ ଲମ୍ବେଇଦେଲେ ।

ଏହି ଦୃଶ୍ୟ ଦେଖୁଥିଲେ ଯୁଧିଷ୍ଠିର ଓଗେର ଭାଇମାନେ । ଭୀମ ବ୍ୟତୀତ ଅନ୍ୟ ଭାଇମାନେ ସଭା ସ୍ଥଳ ଛାଡ଼ିଲେ । କୁମ୍ଭାର ଘରଆଡ଼େ ଚାଲିଲେ । ମା' କୁନ୍ତୀଙ୍କୁ ଶୁଭ ଖବରଟି ଜଣେଇବେ । ଭୀମ ରହିଯାଇଥିଲେ ସଭାରେ । କାରଣ ସେ ଆଶଙ୍କା କରୁଥିଲେ, କିଛି ଗୋଳମାଳ ହୋଇପାରେ ।

ଭୀମଙ୍କର ଆଶଙ୍କା ସତ୍ୟରେ ପରିଣତ ହେଲା । ରାଜପୁରୁଷମାନଙ୍କ ମଧ୍ୟରେ ଗୋଳଚହଳ ଶୁଭିଲା । କେତେକ କହୁଥିଲେ- ସ୍ୱୟଂବର ନିୟମ ଅନୁସାରେ ଜଣେ ବ୍ରାହ୍ମଣ ଅଂଶଗ୍ରହଣ କରିପାରିବେନାହିଁ । ଅନ୍ୟାୟ ! ଘୋର ଅନ୍ୟାୟ !! ଆମେ ପ୍ରତିବାଦ କରିବା ଉଚିତ୍ ! କେତେକ ଅସ୍ତ୍ର ହାତରେ ଠିଆହୋଇ ପଡ଼ିଲେ ।

ଦ୍ରୌପଦୀ ନୀରବ ଥିଲେ । ସେ ଅର୍ଜୁନଙ୍କ ପିନ୍ଧାବାସ ହରିଣଛାଲର କାନି ଧରିଥିଲେ । ଭୀମ ଗୋଳମାଳ ଆଶଙ୍କା କରି ଉପୁଡା ଗଛଟିଏ ଧରି ଅର୍ଜୁନ କଡ଼େ କଡେ ଚାଲିଲେ । ସେମାନେ କୁମ୍ଭାର ଘରଦିଗରେ ଆଗେଇଲେ ।

ସେହି ସମାବେଶରେ ଉପସ୍ଥିତ ଥିଲେ କୃଷ୍ଣ ଓ ବଳରାମ । ସେ ଦୁହେଁ ରାଜପୁରୁଷମାନଙ୍କୁ କ୍ରୋଧ ଶାନ୍ତ କରିବାକୁ ବୁଝାଉଥିଲେ ।

ଦ୍ରୌପଦୀ ସହ ଅର୍ଜୁନ ଓ ଭୀମ ଯେତେବେଳେ ଯାଉଥିଲେ, ସେମାନଙ୍କ ଅଲକ୍ଷ୍ୟରେ ଜଣେ ସେମାନଙ୍କୁ ଅନୁସରଣ କରୁଥିଲେ । ସେ ହେଉଛନ୍ତି ଧୃଷ୍ଟଦ୍ୟୁମ୍ନ । ବ୍ରାହ୍ମଣଟିର ଅସଲ ପରିଚୟ ଜାଣିବାକୁ ସେ ଇଚ୍ଛା କରୁଥିଲେ । କୁମ୍ଭାର ଘର ଭିତରକୁ ସେମାନେ ପ୍ରବେଶ କଲା ପରେ ଧୃଷ୍ଟଦ୍ୟୁମ୍ନ ଫେରିଆସିଲେ । ଏବଂ ରାଜା ଦ୍ରୁପଦଙ୍କୁ ନିଜର ସନ୍ଦେହ ସଂପର୍କରେ କହିଲେ ।

କହିଲେ- ଭାବୁଛି, ପାଣ୍ଡବ ଭାଇମାନେ ମରିନାହାଁନ୍ତି । ଯେଉଁ ବ୍ରାହ୍ମଣ ପ୍ରତିଦ୍ୱନ୍ଦ୍ୱିତା ଜିତିଲେ, ସେ ଅର୍ଜୁନ ବୋଲି ମୁଁ ସନ୍ଦେହ କରୁଛି । ଏବଂ କୁମ୍ଭାର ଘରେ ଯେଉଁ ଅଭିଜାତ ନାରୀ ଦ୍ରୌପଦୀକୁ ପାଛୋଟି ନେଲେ, ସେ କୁନ୍ତୀଦେବୀ ଛଡ଼ା ଅନ୍ୟ କେହି ନୁହଁନ୍ତି । ତେଣୁ ମୋର ଅନୁରୋଧ, ରାଜା ସେମାନଙ୍କୁ ପ୍ରାସାଦକୁ ନିମନ୍ତ୍ରଣ କରନ୍ତୁ ଓ ଆନୁଷ୍ଠାନିକ ବିବାହ କାର୍ଯ୍ୟ ସମାପନ କରନ୍ତୁ । ରାଜା ଦ୍ରୁପଦ ତାହାହିଁ କଲେ ।

ରାଜାଙ୍କ ନିମନ୍ତ୍ରଣ ପାଇ କୁନ୍ତୀ ଓ ତାଙ୍କର ପାଞ୍ଚପୁଅ ରାଜପ୍ରାସାଦରେ ପହଞ୍ଚିଲେ । ପରରନ୍ତେ, ଯୁଧିଷ୍ଠିର ରାଜାଙ୍କୁ ସେମାନଙ୍କର ପ୍ରକୃତ ପରିଚୟ ଦେଲେ । ଏକଥା ମଧ କହିଲେ, ଯେ ଦ୍ରୌପଦୀଙ୍କୁ ସମସ୍ତ ଭାଇ ମିଳିତ ଭାବରେ ବିବାହ କରିଛନ୍ତି ।

ରାଜା ସେମାନଙ୍କ ପ୍ରକୃତ ପରିଚୟ ପାଇ ଖୁସିହେଲେ । ମାତ୍ର ମିଳିତ ଭାବେ ବିବାହ କରିବା କଥାଟିକୁ ସେ ଗ୍ରହଣ କରିପାରିଲେନାହିଁ । କହିଲେ- ଏ ତୁମେ କ'ଣ କଲ ! ଅର୍ଜୁନ ଜିତିଲେ ଅଥଚ ସମସ୍ତ ପାଞ୍ଚଭାଇ ବିବାହ କଲେ ! ଏହା ନିତାନ୍ତ ଅନୈତିକ ।

ଯୁଧିଷ୍ଠିର ଉତ୍ତର ଦେଲେ- ହେ ରାଜା ! ଆମକୁ କ୍ଷମା କରିଦିଅ । ଯେତେବେଳେ ଆମେ ମହା ବିପଦରେ ପଡ଼ିଥିଲୁ ଆମେ ଶପଥ କରିଥିଲୁ କି ଏହି ବିପଦ ସମୟରେ ଯାହା ଆମେ ଲାଭ କରିବୁ ସବୁ ଭାଇ ମିଳିତ ଭାବରେ ଉପଭୋଗ କରିବେ । ସେ ଶପଥ ଆମେ ଭାଙ୍ଗିପାରିବୁ ନାହିଁ । ଏ ଦିଗରେ ମାଆ କୁନ୍ତୀଙ୍କର ସେହିପରି ନିର୍ଦ୍ଦେଶ ମଧ ଅଛି ।

ପରିଶେଷରେ, ଦ୍ରୁପଦ ରାଜି ହେଲେ ଓ ଆନୁଷ୍ଠାନିକ ବିବାହ ଉତ୍ସବ ପାଳନ କଲେ । ପାଣ୍ଡବମାନେ ନୂଆ ରାଜ୍ୟ ପାଇଲେ ।

ପାଞ୍ଚାଳ ରାଜ୍ୟରେ ଯେଉଁ ମତେ ଘଟନା ଘଟିଲା, ଖବରଟି ଅବିକଳ ହସ୍ତିନାପୁରରେ ପହଞ୍ଚିଲା । ବିଦୁର ଖୁସିହେଲେ । ସେ ସହସା ପହଞ୍ଚିଲେ ଧୃତରାଷ୍ଟ୍ରଙ୍କ ପାଖରେ । କହିଲେ – ମହାରାଜା ! ଆମ ରାଜ୍ୟ ଏଥର ଶକ୍ତିଶାଳୀ ହେଲା । ପାଞ୍ଚାଳ ରାଜ୍ୟର ରାଜକନ୍ୟା ଦ୍ରୌପଦୀ ମହାଭାଗଙ୍କର ବୋହୂ ହେଲେ । ହସ୍ତିନାପୁରର ନକ୍ଷତ୍ର ବହୁତ ଟାଣ ।

ଧୃତରାଷ୍ଟ୍ର ଶୁଣିଲେ ତ ଖୁସିରେ ବିସ୍ତରିଗଲେ । ଦୁର୍ଯ୍ୟୋଧନ ତେବେ ପ୍ରତିଦ୍ୱନ୍ଦ୍ୱିତାରେ ଜିତିଛି । କହିଲେ – ବିଦୁର, ଭଲ ସମ୍ବାଦଟିଏ ଦେଲ । ବର୍ତ୍ତମାନ ଯାଅ, ଦ୍ରୌପଦୀକୁ ଏଠାକୁ ନେଇଆସ । ମୁଁ ତାକୁ ଆଶୀର୍ବାଦ ଦେବି ।

ମହାରାଜ ଭାବିଛନ୍ତି କି ଦୁର୍ଯ୍ୟୋଧନ ଦ୍ରୌପଦୀଙ୍କୁ ଜିତିଛି ! ବୋଧହୁଏ ସେଇଆ । ବିଦୁର ସଂଶୋଧନ କଲେ – ମହାରାଜ ପାଣ୍ଡବମାନେ ମରିନାହାଁନ୍ତି । ସେମାନେ ରାଜା ଦ୍ରୁପଦଙ୍କ ପ୍ରାସାଦରେ ଖୁସିରେ ଅଛନ୍ତି । ମହାରାଜ, ଅର୍ଜୁନ ପ୍ରତିଯୋଗିତାରେ ଦ୍ରୌପଦୀଙ୍କୁ ଜିତିଛନ୍ତି । ଏବଂ ଶାସ୍ତ୍ର ଅନୁସାରେ ସମସ୍ତ ପାଣ୍ଡବ ଭାଇମାନେ ମିଳିତ ଭାବେ ଦ୍ରୌପଦୀଙ୍କୁ ବିବାହ କରିଛନ୍ତି ।

ଧୃତରାଷ୍ଟ୍ର ଶୁଣିଲେ ଓ ହତୋତ୍ସାହିତ ମନେହେଲେ । ତେବେ ଖୁସିଥିବା ଭଳି ଉପରକୁ ଜଣେଇଲେ । କହିଲେ- "ବିଦୁର, କେତେବଡ଼ ଭୁଲ୍ ହୋଇଗଲା । ଆମେ ସେମାନଙ୍କୁ ଶୁଦ୍ଧି ହୋଇସାରିଛନ୍ତି ! ଓଃ, କେତେ ବଡ଼ ଭୁଲ୍ ! ଆହାଃ କେତେ ବଡ଼ ସୁଖବରଟିଏ ଦେଲ ବିଦୁର ! ଦ୍ରୌପଦୀ ଆମର ବୋହୂ ହେଲେ ! ଭଲ, ବହୁତ ଭଲ !"

ଖୁବ୍‌ଶୀଘ୍ର ଏହି ସମ୍ବାଦ ଦୁର୍ଯ୍ୟୋଧନ ପାଇଲେ । ତାଙ୍କର ଘୃଣା ଓ ଈର୍ଷା ବହୁଗୁଣିତ ହେଲା । କେମିତି ! କେମିତି ସେମାନେ ଜଉଘରୁ ଖସିପଳେଇଲେ ? ପୁଣି ଗୋଟେ ବର୍ଷ ଲୁଚିରହିବା ପରେ ରାଜା ଦ୍ରୁପଦଙ୍କ କନ୍ୟାକୁ ଲାଭ କରିଛନ୍ତି ? ଉଃ, ମୁଁ ଭାବିଥିଲି କ'ଣ, ହେଲା କ'ଣ ! ସେମାନେ ତେବେ ଶକ୍ତିଶାଳୀ ହୋଇଗଲେ ! ଦୁର୍ଯ୍ୟୋଧନ ପ୍ରଚଣ୍ଡ ମାନସିକ ଯନ୍ତ୍ରଣା ପାଇଲେ ।

ମାମୁ ଶକୁନି ପାଖରେ ପହଞ୍ଚିଗଲେ ଦୁର୍ଯ୍ୟୋଧନ ଏବଂ ଦୁଃଶାସନ । କହିଲେ – ମାମୁ, ଆମେ ଏବେ କରିବୁ କ'ଣ ! ଆମର ଶତ୍ରୁମାନେ କେବଳ ଯେ ବଞ୍ଚିଛନ୍ତି ତାହାନୁହଁ, ସେମାନେ ଏବେ ଶକ୍ତିଶାଳୀ ହୋଇଗଲେ ! ମନ୍ତ୍ରୀ ପୁରୋଚନକୁ ବିଶ୍ୱାସ କରିବା ଆମର ଭୁଲ୍ ଥିଲା । ସେ ନିଜେ ମଲା ଓ ଆମର ଶତ୍ରୁଗଣ ଖସିଗଲେ । ଭଲ କରି ଚିନ୍ତାକରନ୍ତୁ ! ଆମେ କ'ଣ କରିବୁ ?

ଶକୁନି ପୂର୍ବରୁ ହତୋତ୍ସାହିତ ହୋଇସାରିଥିଲେ । ସତେ ତ ! ଧୃଷ୍ଟଦ୍ୟୁମ୍ନ ଓ ଶିଖଣ୍ଡୀ ବର୍ତ୍ତମାନ ପାଣ୍ଡବଙ୍କ ସପକ୍ଷରେ ! ମୋତେ ଅଧିକ ଭାବିବାକୁ ଦିଅ, କହିଲେ ଶକୁନି । (କ୍ରମଶଃ ...)

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୬୯୩୩୦୮*

# ଫେରିଆ ଲୋ ମାଆ ଫେରିଆ

*ସୁରମା ମିଶ୍ର*



ମାଆ ଲୋ ମାଆ, ମୋଓରି ମାଆ
କେଉଁ ଆଡେ ଗଲୁ, କେଉଁଠି ରହିଲୁ
ଡାକିଲେ ନ ଶୁଣୁ କିଆଁ ॥

ତତେ କେତେ ମୁଁ ଲୋ ଖୋଜୁଛି
ସପନରେ ଥରେ ଦେଖା ତୁ ଦେଏଲେ
ପାରୁ ନାହିଁ ମୁଁ ମୁରୁଛି ॥

ଅଭିମାନ କି ଲୋ କରିଛୁ
ସେଥି ପାଇଁ ମୋଠୁ ଦୂରେଇ ଯାଇ ତୁ
ଦିନ ରାତି କନ୍ଦାଉଛୁ ॥

ଫେରି ଆ ଲୋ ମାଆ ଫେରି ଆ
ବାହୁ ପ୍ରସାରି ତୁ କୋଳେଇ ନେ ଲୋ
ଖୋଜେ ମୁଁ ତୋ ବାହୁ ଛାୟା ॥

ତୋ ବିନା ମୁଁ ରହି ପାରୁନି
ଆଖିରୁ ଲୋତକ ଶୁଖୁନି ଲୋ ମାଆ
ନିଦଟା ଜମା ଆସୁନି ॥

ସ୍ମୃତି ବସି ସାଉଁଟୁଛି
କାଗଜ କଲମ ହାତରେ ଧରି ମୁଁ
ଲେଖନୀରେ ରୂପ ଦେଉଛି ॥

ତତେ ଜମା ଭୁଲି ପାରୁନି
ଆଖି ଆଗେ ତୋର ମୁହଁଟି ନାଚୁଛି
ଆଖି ମୁଁ ତ ଖୋଲି ପାରୁନି ॥

ତୁ ସପନରେ ଥରେ ଆ ଲୋ
ତୋ ପରଶ ଟିକେ ଦେଇ ତୁ ମାଆ ଲୋ
ମତେ ଟିକେ ଛୁଇଁ ଯାଆ ଲୋ ॥

ମନଟା ମୋ ଶାନ୍ତ ହୋଇବ
ଉତ୍ସାହ ବଢ଼ିବ ମନରେ ମୋହର
ଉଦ୍ଦୀପନା ବଢ଼ି ଯିବ ॥

ଶକ୍ତି ସ୍ୱରୁପିଣୀ ମାଆ ଲୋ
ଭରି ଦେ ମୋ ମନେ ଶକ୍ତି ତୁ ଭରି ଦେ
ବାହିବି ସଂସାର ନାଆ ଲୋ ॥

ପାଳୁଛୁ ଲୋ ମାତୃ ଦିବସ
ଏତିକି ମାଆ ଲୋ ମାଗୁଣି ତୋ ପଦେ
ଢାଳି ଦେ ଲୋ ଶୁଭ ଆଶିଷ ॥

*ବିଏଲ-୩୯, ଭିଏସଏସ ନଗର, ଭୁବନେଶ୍ୱର*
*ମୋ-୯୮୫୩୩୪୩୯୬୫*

# ସରଗ ପୁରୀ

*ଝରଣା ବାରିକ*

ଆସରେ ପିଲାଏ ଆସିବା ଘୁରି,
ବୁଲିଯିବା ଆମେ ସରଗ ପୁରୀ ।
ସେନେହ ଶରଧା ମମତା ଡୋରୀ,
ରହିଥିବ ସେଠି ଆମକୁ ଘେରି ।

ମାଆର ଆଦର ବାପାଙ୍କ ଗାଳି,
ଭାଇ ଭଉଣୀଙ୍କ ସେନେହ ଅଳି ।
ଜେଜେଙ୍କର ପୋଥି ପୁରାଣ କଥା,
ଜେଜେ ମାଆ କାହାଣୀ ଲାଗଇ ମିଠା ।

ମାଆ ହାତ ରନ୍ଧା ଶାଗ ପଖାଳ,
ଖାଇବା ଖୁସିରେ ହେଲେ ସକାଳ ।
ପୁନେଇଁ ପରବ ତିଥି ଆସିଲେ,
ଆରିସା କାକରା ଖାଇବା ପିଲେ ।

ବନ୍ଧୁ ବାନ୍ଧବଙ୍କ ହୋଇବ ମେଳି,
ଦିନ କଟିଯିବ ସାଥିରେ ଖେଳି ।
ଚକୁଳି ଚିତାଉ ମଣ୍ଡା ଗଇଁଠା,
ସୁଜି ସିମେଇକୁ ଖିରି ପରଟା ।

ମାଉସୀ ପିଉସୀ ଥିବେ ସାଥିରେ,
କେତେ ମଜା ପୁଣି ହୋଇବ ଘରେ ।
ସେଇ ଘର ଆମ ସରଗ ପୁରୀ,
ଯେଉଁ ଘରେ ଲୋକେ ଥାଆନ୍ତି ପୁରି ।

ମଉଜରେ କଟେ ପ୍ରତିଟି ଦିନ,
ହସ ଖୁସି ବାଣ୍ଟେ ସଭିଙ୍କ ମନ ।
ସେ ଘରଠୁ ଶାନ୍ତି ନାହିଁ କୋଉଠି,
ଆମକୁ ମିଳଇ ସ୍ୱର୍ଗ ସେଇଠି ।

*ସମଲ, ତାଳଚେର, ଅନୁଗୋଳ*
*ମୋ-୯୫୫୬୮୪୬୯୩୨*

# ମୋ ଯାତରା ଦେଖା

*ସୁଧାକର ରାଉତ*



ବାପାଙ୍କ ସାଙ୍ଗରେ ଯାଇଥିଲି ମୁହିଁ
ଚଇତ ଯାତରା ଦେଖି
ଜାତି ଜାତି ଦ୍ରବ୍ୟ କିଣା ବିକା ସେଠି
ଆଖି ମୋ ରହିଲା ଲାଖି ।

ଦେଖିଲି ଗହଳି ଭିତରେ ପିଲାଟେ
ବିକୁଛି ବେଲୁନ ଧରି
ଛିଣ୍ଡା ପୋଷାକରେ ଦେହ ଗୁଡ଼ାଇଛି
ଡାକୁଛି ଲୋକଙ୍କୁ ଠାରି ।

ମୂକ ବୋଲି ସେ ଜାଣିଲି ବାପାଙ୍କଠୁ
ଭାବିଗଲି କେତେ କଥା
ବାପା ମା ଛେଉଣ୍ଡ କରି ପ୍ରଭୁ ପୁଣି
ଦେଇଛନ୍ତି ଏତେ ବ୍ୟଥା ।

ଯାତ୍ରା ବୁଲିବାରେ ମନ ବଳିଲାନି
କହିଲି ବାପାଙ୍କୁ ଡାକି
ସବୁତକ ବେଲୁନ ତା ଠାରୁ କିଣ
ନ ରହୁ ତା ପାଖେ ବାକି ।

ମୋ ପାଇଁ ଯେଉଁ ନୂଆ ପୋଷାକ ଅଛି
ତାକୁ ଆଣିଦେଇ ଦିଅ
ମୋର ବୟସର ସେଇ ପିଲାଟି ବି
ଭାବ ସେ ତୁମର ପୁଅ ।

କୋହଭରା କଣ୍ଠରେ ବାପା କହିଲେ
ତୋ ମନର କଥା ଜାଣି
ତୋ ପୋଷାକ ଥାଉ ନୂଆ ପୋଷାକଟେ
ତା ପାଇଁ ଦେବି ମୁଁ କିଣି ।

ପର ଦୁଃଖେ ଦୁଃଖୀ ହେବାର ଗୁଣଟି
ବାଳକାଳୁ ତୋଠି ଦେଖି
ମୋ ଛାତି କୁଣ୍ଢେ ମୋଟ ହୋଇଯାଉଛି
ଭାବେ ମୁଁ ସଂସାରେ ସୁଖୀ ।

ତୋ ସୁଗୁଣ ଫୁଲ ମହକିବେ ଦିନେ
ଏବେ ସିନା ତୁହି କଳି
ବିଭୂଙ୍କ ପଦେ ଲୟ ରଖିଥା ବାବୁ
ଦେବେ ସେ ଆଶିଷ ଢ଼ାଳି ।

*ପ୍ରତାପ ନଗରୀ, କଟକ*
*ମୋ- ୮୨୪୯୯୩୨୭୯୨*



# ଫୁଲ ଫୁଟିଗଲେ

*ପ୍ରଶାନ୍ତ କୁମାର ଦାଶ*

ସକାଳ ଆସିଲେ ଫୁଲ ଫୁଟିଗଲେ
ଚହଟେ ସୁଗନ୍ଧ ତାର
ମେଲିଦିଏ ସିଏ ଶୋଭାର ପସରା
ସବୁଜିମା ପାରାବାର

ଫୁଲ ଫୁଟିଗଲେ ଜହ୍ନ ଲୁଚିଯାଏ
ଉଏଁ ଆକାଶରେ ରବି
ଦିଶେ ଝଲମଲ ମନକିଣିନିଏ
ଫୁଲ ବଗିଚାର ଛବି

ଫୁଲ ଫୁଟିଗଲେ କାଳିଆ ଭଅଁର
ଉଡ଼ିଆସେ ପ୍ରଜାପତି
ଫୁଲକୁ କରଇ ଆଦର ସେନେହ
ସବୁଠୁ ନିଜର ଅତି

ଫୁଲ ଫୁଟିଗଲେ ସୁଗନ୍ଧ ସୁବାସ
ପବନ ଚୋରାଇ ନିଏ
କୀଟଠୁ ପତଙ୍ଗ ସାରା ଦୁନିଆରେ
ସୁବାସକୁ ବାଣ୍ଟିଦିଏ

ଫୁଲ ଫୁଟିଗଲେ ଆଦରରେ ତୋଳି
ମାଳି ଗୁନ୍ଥେ ଫୁଲହାର
ଠାକୁରଙ୍କୁ ଦେଇ ମରମ ତଳର
ଦୁଃଖ ଜଣାଏ ସେ ତାର

ଫୁଲ ଫୁଟିଗଲେ ଅପା ତ ଆଣଇ
ସରାଗେ ଗଛରୁ ତୋଳି
ଦିଏ ତାକୁ ଘରେ ଠାକୁର ମଥାରେ
କରି ସେ ପ୍ରାର୍ଥନା ଅଳି

ଫୁଲ ଫୁଟିଗଲେ ବାସ ବିତରିଲେ
ପିଲାଙ୍କୁ ଲାଗଇ ଖୁସି
ଫୁଲପରି ଶାନ୍ତ ସରଳ ହେବାକୁ
ମନେ ମନେ ଭାବେ ଲୁସି

ଫୁଲପରି ହେଲେ ସରଳ କୋମଳ
ମହକ ସୁଗନ୍ଧଭରା
ହସିଉଠିବ ଏ ସୁନ୍ଦର ସଂସାର
ସରଗ ସମାନ ଧରା ।

*କୁଞ୍ଜର ସଙ୍ଗଳାଇ, ପିପିଲି, ପୁରୀ*
*ମୋ-୯୬୬୮୮୨୨୧୯୦*

# ବୋଉ ଲୋ ବୋଉ

*ରମାକାନ୍ତ ଦାସ*



ବୋଉ ଲୋ ବୋଉ
ରାଗି ରୁଷି ଗଲେ ମନେଇ ନେଉ
କେତେ ସରାଗରେ ଖୁଆଇ ଦେଉ
ପଣତରେ ଧୂଳି ଝାଡି ତୁ ଦେଉ
ମିଠା ମିଠା କଥା କେତେ ଯେ କହୁ ॥

ବୋଉ ଲୋ ବୋଉ
ଭୋକିଲା ପେଟ ମୋ ବାରି ତୁ ଦେଉ
ସ୍ନେହ ମମତାରେ ବାନ୍ଧି ରଖଉ
ଝୁଣ୍ଟି ପଡ଼ିଲେ ମୁଁ ଉଠେଇ ନେଉ
ଅନ୍ଧାରରେ ବାଟ ଦେଖେଇ ଦେଉ ॥

ବୋଉ ଲୋ ବୋଉ
ଦେହ ପା ହେଲେ ଜଗି ତୁ ଥାଉ
ରାତି ଅନିଦ୍ରା ରହି ମୋ ସେବା କରଉ
କପାଳରେ ମୋର ହାତ ରଖି ତୁହି
ନିତି ମୋର ଶୁଭ ମନାସୁ ଥାଉ ॥

ବୋଉ ଲୋ ବୋଉ
ମୋ ଦୁଃଖ କଷ୍ଟ ସହି ନପାରଉ
କୋଳରେ ବସେଇ ବୁଝେଇ ଦେଉ
ଶୁଖିଲା ମୁହଁରେ ହସ ଫୁଟାଉ
କଣ୍ଟା କୁ ବି ତୁ ଫୁଲ କରଉ ॥

ବୋଉ ଲୋ ବୋଉ
ତୋ ଆଶୀର୍ବାଦ ମୋ ଉପରେ ଥାଉ
ତୋ ପାଦ ଠାରୁ ଭଲ ଜାଗା ନାହିଁ ତ ଆଉ
ତୋ ପରି କିଏ ହେବ ଲୋ ବୋଉ
ସାତଜନ୍ମ ମୋର ତୋ କୋଳେ ହେଉ ॥

*ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର*
*ମୋ- ୯୬୬୮୮୧୫୩୬୯*



# ସାଇତି ରଖିବା

*କୀର୍ତ୍ତନ ସାହୁ*

ସାଇତି ରଖିବା ମାଆଙ୍କ ମମତା
ଶରଧାର ମଧୁ ଝର
ତାଙ୍କ ମିଠା ମିଠା କଥାର ମହକ
କଅଁଳ ସୂରୁଜ କର ।

ସାଇତି ରଖିବା ବାପାଙ୍କ ଆକଟ
ଭଲ କରିବାର ବାଟ
ଜୀବନରେ ଭଲ ମଣିଷ ହେବାର
ନିୟମ କାନୁନ ଛାଟ ।

ସାଇତି ରଖିବା ସାଙ୍ଗ ସାଥୀଙ୍କର
ଅନାବିଳ ମିଳାମିଶା
ଜୀବନ ପାହାଚ ଚଢିବା ବେଳରେ
ଦେଖାଏ ସେ ଭଲ ଦିଶା ।

ସାଇତି ରଖିବା ଜେଜେ ଜେଜେ ମାଆ
କୋଳ କରିବାର ରୀତି
ସ୍ନେହ ଶରଧାରେ ଆଦରି ନେବାରେ
ଦୂର ହୁଏ ଯେତେ ଭୀତି ।

ସାଇତି ରଖିବା ଶିକ୍ଷକ ଶିକ୍ଷିକା
ତାଙ୍କରି ଆଦର୍ଶ ଠାଣି
ମଣିଷ ପରିକା ମଣିଷ କରିବା
ପଦେ ପଦେ ନୀତି ବାଣୀ ।

ସାଇତି ରଖିବା ଭେଟୁଥିବା ଯେତେ
ଭଲ ମଣିଷଙ୍କ କଥା
ଜୀବନେ ସେ ସବୁ କାମେ ଲଗାଇବା
ଖଟାଇ ଆମର ମଥା ।

*ମିଶ୍ର କଲୋନୀ, ଶାଳପଡ଼ା, କେନ୍ଦୁଝର*
*ଦୂରଭାଷ- ୯୪୩୮୪୧୪୭୦୧*

# ବୈଶାଖ ଖରା ତପତ ଧରା...

*ରାମଚନ୍ଦ୍ର ବେହେରା*

ବୈଶାଖ ଖରା ତପତ ଧରା
ଶୁଖିଗଲା ନଈ ପୋଖରୀ ଧାରା ।
ହେଲେ ସକାଳ ବୋହିଲା ଝାଳ
ଭିଜିଗଲା ପିନ୍ଧା ବସ୍ତ୍ର ସଅଳ ।

ଲାଗିଲା ଶୋଷ ଲେମ୍ବୁର ରସ
ଘୋଳଦହି କଲା ମନକୁ ତୋଷ ।
ପଖାଳ ଭାତ ଦେହକୁ ହିତ
ଗ୍ରୀଷମ କାଳରେ ସିଏ ଅମୃତ ।

ମାଠିଆ ଜଳ ଭାରି ଶୀତଳ
ଦେହ ଓ ମନକୁ ରଖେ ଚଞ୍ଚଳ ।
ବେଲ ସର୍ବତ ପେଟକୁ ହିତ
ତରଭୁଜ ଦିଏ ଜଳ ବହୁତ ।

ଛଣା ଦରବ ଦୂରେ ରହିବ
ଖରାଦିନେ ନୁହେଁ ଖାଇବା ଯୋଗ୍ୟ ।
ବଜାର ସହର ଯୁଆଡେ ଯିବ
ପାଣି ବୋତଲଟେ ସାଥୀରେ ନେବ ।

ଛତା ଚପଲକୁ କରିବ ସାଥୀ
ହାଲୁକା ବସନ ପିନ୍ଧିବ ନିତି ।
ଖରା ବେଳରେ ରହିବ ଘରେ
ନବୁଲିବ କେବେ ଟାଣ ଖରାରେ ।

ଗ୍ରୀଷମ ଦିନେ ହରଷ ମନେ
ଖରା ନିୟମକୁ ପାଳିବ ଧ୍ୟାନେ ।
ଗ୍ରୀଷ୍ମ ନିୟମକୁ ଯିଏ ମାନିବ
ହସ ଖୁସିରେ ତା'ଦିନ କଟିବ ।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*





# କମ୍ କଥା କହିବା ଅଧିକ ଶୁଣିବା



ଲଳିତ ମୋହନ ମିଶ୍ର

କମ୍ କଥା କହିବା ଏବଂ ଅଧିକ ଶୁଣିବା ଏକ ଭଲ ରଣନୀତି । ଯାହା ଆମକୁ ଅନେକ ଫାଇଦା ଦେଇଥାଏ । କମ୍ କଥା କହିବା ଦ୍ୱାରା ନିଜ କଥାକୁ ଅଧିକ ସମୟ ଚିନ୍ତାକରି ଏବଂ ସାବଧାନତାର ସହିତ କହିଥାନ୍ତି । ଯାହା ଭୁଲ୍ କରିବାର ସମ୍ଭାବନା କମ୍ ଥାଏ । ଲୋକମାନେ ଆପଣଙ୍କ କଥାକୁ ଗମ୍ଭୀରତାର ସହିତ ନେଇଥାନ୍ତି । ଅଧିକ ଶୁଣିବା ଦ୍ୱାରା ଅନ୍ୟର କଥା ଓ ମତାମତକୁ ଭଲ ଭାବରେ ବୁଝିବାର ସୁଯୋଗ ପାଆନ୍ତି, ଯାହା ଆପଣଙ୍କ ଜ୍ଞାନ ଏବଂ ଦକ୍ଷତା ବୃଦ୍ଧି କରିଥାଏ । ଏକ ସମୟର କଥା । ମାନସରୋବର ହ୍ରଦରେ ଦୁଇଟି ହଂସ ଓ ଗୋଟିଏ କଇଁଛ ରହୁଥିଲେ । ତିନି ଜଣଙ୍କ ମଧ୍ୟରେ ଗଭୀର ବନ୍ଧୁତା ଥିଲା । ତିନିଜଣ ପରସ୍ପର ବିନା ବଞ୍ଚି ପାରୁନଥିଲେ । ପ୍ରତିଦିନ ସକାଳେ କଇଁଛଟି କୂଳରେ ବସି ଦୁଇ ହଂସଙ୍କୁ ବହୁତ ମଜା ଓ ହସ କଥା କହୁଥିଲା । କଇଁଛଟି କଥା ଆରମ୍ଭ କଲେ, ଶୀଘ୍ର କଥା ସରୁନଥିଲା । କଇଁଛଟି ନିଜକୁ ଅତ୍ୟନ୍ତ ଜ୍ଞାନୀ ମନେ କରୁଥିଲା ।

ଥରେ ମାନସରୋବର ହ୍ରଦରେ ପାଣି ଶୁଖି ଶୁଖି ଗଲା, ପରିସ୍ଥିତି ଭୟଙ୍କର ହୋଇପଡିଲା । ହଂସ ଉଡିକରି ଅନ୍ୟ ସ୍ଥାନକୁ ପଳାଇଯିବେ । କଇଁଛ ମୁଣ୍ଡରେ ଚିନ୍ତା ପଡ଼ିଲା । ସେ ବହୁତ ଚିନ୍ତା କରି ସାଙ୍ଗ ହଂସଙ୍କୁ କହିଲା 'ତୁମେ ଦୁହେଁ ମୋତେ ଏଠାରୁ ଅନ୍ୟ ପୋଖରୀକୁ ନେଇଯିବେ କି ? ଗୋଟିଏ ବାଡିରେ ତୁମେ ଦୁଇପଟେ ଧରିବ, ମୁଁ ମଝିରେ ପାଟିରେ ଧରି ଝୁଲିଯିବି । ସେହା ହିଁ ହେଲା, ହଂସ ଠିକ୍ ଯେମିତି କହିଥିଲେ । ହଂସ କଇଁଛକୁ କହିଲେ – 'ତୁମେ ବାଟରେ ଆଉ ଜ୍ଞାନ ଦେବ ନାହିଁ । ପାଟି ଖୋଲିଦେଲେ ତୁମେ ତଳେ ପଡ଼ିଯିବ । କଇଁଛଟି ଆକାଶରୁ ତଳକୁ ଚାହିଁ ମଜା ନେଉଥିଲା । କିଛି ଦୂର ଯିବା ପରେ କଇଁଛଟି ତଳକୁ ଚାହିଁ ଦେଖିଲା- ଜଣେ ଶିକାରୀ କହୁଛି, ହଂସ କେତେ ବୁଦ୍ଧିମାନ୍ । ସେମାନେ କିପରି ତାଙ୍କର ବନ୍ଧୁଙ୍କୁ ବୁଲେଇବାକୁ ନେଉଛନ୍ତି ? ଶିକାରୀଟିର କଥା ଶୁଣି ମୂର୍ଖ କଇଁଛଟି ଗର୍ବିତ ହୋଇଗଲା । ଏହି ଧାରଣାକୁ ନିଜର ନାମ ଦେବା ପାଇଁ ପାଟି ଖୋଲିବା ମାତ୍ରେ ସେ ତଳକୁ ଖସି ପଡ଼ିଥିଲା । ଶିକାରୀ ତାକୁ ଧରିନେଲା । ତେଣୁ ଅଧିକ କଥା ବାର୍ତ୍ତା କରିବା ଅପେକ୍ଷା କମ୍ କଥା କହି ଅଧିକ ଶୁଣିବା ଭଲ । ଯଦି ସେହି ସମୟରେ କଇଁଛ ନିଜକୁ ବକ୍ତା ଭାବି ନଥାନ୍ତା, ତେବେ ବୋଧହୁଏ ସେ ସହଜରେ ଅନ୍ୟ ପୋଖରୀରେ ପହଞ୍ଚି ପାରିଥାଆନ୍ତା ।

*ଅରବିନ୍ଦ ନଗର, ନୟାଗଡ*
*ମୋ-୯୪୩୭୯୮୫୮୬୬*

# ତୁମ ତୂଳୀରୁ ...



ପ୍ରତୀକ ଅଦାବର, ପଞ୍ଚମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବୀରମହାରାଜପୁର, ସୁବର୍ଣ୍ଣପୁର

# ‘ଲେଫ୍ଟନେଣ୍ଟ କର୍ଣ୍ଣେଲ’ ପଦବୀରେ ସମ୍ମାନିତ ହେଲେ ନୀରଜ ଚୋପ୍ରା




**ନୂଆଦିଲ୍ଲୀ**

ଭାରତର ଗୌରବ ଏବଂ ଦୁଇଥରର ଅଲିମ୍ପିକ୍ ପଦକ ବିଜେତା ନୀରଜ ଚୋପ୍ରାଙ୍କୁ ଭାରତୀୟ ସେନାର ଟେରିଟୋରିଆଲ ଆର୍ମୀରେ ‘ଲେଫ୍ଟନେଣ୍ଟ କର୍ଣ୍ଣେଲ’ ପଦବୀରେ ସମ୍ମାନିତ କରାଯାଇଛି । ଏହି ସମ୍ମାନ ତାଙ୍କୁ ତାଙ୍କର କ୍ରୀଡ଼ା କ୍ଷେତ୍ରରେ ଅସାଧାରଣ ପ୍ରଦର୍ଶନ ଏବଂ ଦେଶ ପାଇଁ ଗୌରବ ଆଣିଥିବା ଯୋଗଦାନ ପାଇଁ ପ୍ରଦାନ କରାଯାଇଛି । ଏହି ପଦବୀ ସହିତ ନୀରଜ ଜାଭେଲିନ୍ ଥ୍ରୋ’ରେ ବିଶ୍ୱକୁ ଜିତିବା ସହ ସେନାରେ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମଧ୍ୟ ଗ୍ରହଣ କରିବେ । ୨୬ ବର୍ଷୀୟ ନୀରଜ ଚୋପ୍ରା, ଯିଏ ହରିୟାଣାର ପାନିପତ ନିକଟସ୍ଥ ଖାଣ୍ଡ୍ରା ଗାଁରୁ ଆସିଛନ୍ତି, ୨୦୨୧ ମସିହାରେ ଟୋକିଓ ଅଲିମ୍ପିକ୍‌ରେ ୮୭.୫୮ ମିଟର ଜାଭେଲିନ୍ ଥ୍ରୋ’ରେ ଭାରତ ପାଇଁ ପ୍ରଥମ ଆଥଲେଟିକ୍ସ ସ୍ୱର୍ଣ୍ଣ ପଦକ ଜିତିଥିଲେ । ଏହାପରେ ୨୦୨୪ ପ୍ୟାରିସ ଅଲିମ୍ପିକ୍‌ରେ ସେ ୮୯.୪୫ ମିଟର ଫିଙ୍ଗି ରୌପ୍ୟ ପଦକ ହାସଲ କରି ଭାରତର ଗୌରବ ବୃଦ୍ଧି କରିଥିଲେ । ସେ ଭାରତର ଏକମାତ୍ର ଆଥଲେଟ୍ ଯିଏ ଦୁଇଟି ଭିନ୍ନ ଅଲିମ୍ପିକ୍ ପଦକ (ସ୍ୱର୍ଣ୍ଣ ଓ ରୌପ୍ୟ) ଜିତିଛନ୍ତି ।

ନୀରଜ ବର୍ତ୍ତମାନ ଭାରତୀୟ ସେନାରେ ସୁବେଦାର ମେଜର ଭାବେ କାର୍ଯ୍ୟ କରୁଛନ୍ତି । ଏହି ନୂଆ ପଦବୀ ତାଙ୍କୁ ସେନାରେ ଏକ ଉଚ୍ଚ ସ୍ଥାନ ପ୍ରଦାନ କରିଛି, ଯାହା ତାଙ୍କର ଦେଶପ୍ରେମ ଓ ସେବା ପ୍ରତି ନିଷ୍ଠାକୁ ସୂଚାଉଛି ।

# ବିରାଟ ଓ ରୋହିତଙ୍କୁ ‘ଗାର୍ଡ ଅଫ ଅନର’ ପ୍ରଦାନ କରିବ ବିସିସିଆଇ

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ ଦଳର ଦୁଇ ଦିଗ୍‌ଗଜ ଖେଳାଳି ବିରାଟ କୋହଲି ଓ ରୋହିତ ଶର୍ମା ଟେଷ୍ଟ କ୍ରିକେଟରୁ ଅବସର ନେଇଥିଲେ ମଧ୍ୟ ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ (ବିସିଆଇ) ସେମାନଙ୍କୁ ଇ+ ଶ୍ରେଣୀର କେନ୍ଦ୍ରୀୟ ଚୁକ୍ତିରେ ବଜାୟ ରଖିବ ବୋଲି ଖବର ମିଳିଛି । ବିସିସିଆଇର ଏହି ନିଷ୍ପତ୍ତି ସେମାନଙ୍କର ଭାରତୀୟ କ୍ରିକେଟ ପାଇଁ ଅବଦାନକୁ ସମ୍ମାନ ଜଣାଇବା ସହ ଏକଦିବସୀୟ କ୍ରିକେଟରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଆଲୋକପାତ କରୁଛି ।

ସୂଚନା ଅନୁଯାୟୀ, କୋହଲି ଓ ରୋହିତ ଇଂଲଣ୍ଡ ବିପକ୍ଷ ଆଗାମୀ ଟେଷ୍ଟ ସିରିଜ ପୂର୍ବରୁ ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଥିଲେ । ଏହା ଭାରତୀୟ କ୍ରିକେଟ ପ୍ରେମୀଙ୍କ ମଧ୍ୟରେ ଏକ ବଡ଼ ଆଲୋଚନାର ବିଷୟ ହୋଇଥିଲା । ତେବେ ବିସିସିଆଇ ସେମାନଙ୍କୁ ଇ+ ଗ୍ରେଡରେ ରଖି ସେମାନଙ୍କ ସମସ୍ତ ସୁବିଧା ବଜାୟ ରଖିବାକୁ ନିଷ୍ପତ୍ତି ନେଇଛି । ଏହି ଶ୍ରେଣୀରେ ରହି ସେମାନେ ଉଚ୍ଚ ବେତନ ଏବଂ ଅନ୍ୟାନ୍ୟ ସୁବିଧା ପାଇବେ ।




ବିସିସିଆଇ ସଚିବ ଦେବଜିତ ସାଇକିଆ ଏହି ବିଷୟରେ ସ୍ପଷ୍ଟ କରି କହିଛନ୍ତି ଯେ, କୋହଲି ଓ ରୋହିତଙ୍କ ଅବଦାନକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି । ସେମାନେ ଟେଷ୍ଟରୁ ଅବସର ନେଇଥିଲେ ମଧ୍ୟ ଏକଦିବସୀୟ ଫର୍ମାଟରେ ସେମାନେ ଭାରତୀୟ ଦଳର ମୁଖ୍ୟ ଖେଳାଳି ହୋଇ ରହିବେ ।

ଏହା ସହିତ ବିସିସିଆଇ ଇଂଲଣ୍ଡ ସିରିଜ୍‌ର ପ୍ରଥମ ଟେଷ୍ଟରେ ଉଭୟ ଖେଳାଳିଙ୍କୁ ‘ଗାର୍ଡ ଅଫ ଅନର’ ପ୍ରଦାନ କରିବାକୁ ଘୋଷଣା କରିଛି । ଏହା ସେମାନଙ୍କ ଟେଷ୍ଟ କ୍ୟାରିୟରର ସମ୍ମାନଜନକ ସମାପ୍ତି ପାଇଁ ଏକ ସ୍ମରଣୀୟ ମୁହୂର୍ତ୍ତ ହେବ ।

# ମ୍ୟାଚ୍ ନ ଖେଳି ମଧ୍ୟ ଐତିହାସିକ ସଫଳତା ହାସଲ କଲେ ରବିନ୍ଦ୍ର ଜାଡ଼େଜା

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ୍ ଦଳର ଷ୍ଟାର ଅଲରାଉଣ୍ଡର ରବିନ୍ଦ୍ର ଜାଡେଜା ଟେଷ୍ଟ କ୍ରିକେଟରେ ଇତିହାସ ସୃଷ୍ଟି କରୁଛନ୍ତି । ସେ ଏକ ନୂତନ ବିଶ୍ୱ ରେକର୍ଡ ସୃଷ୍ଟି କରିଛନ୍ତି । ଜାଡେଜା ଏତେ ଦିନ ଧରି ଧଳା ବଲ କ୍ରିକେଟ କିମ୍ବା ଆଇପିଏଲ ଖେଳୁଛନ୍ତି, ତେବେ ସେ ଏବେ ଲାଲ ବଲ କ୍ରିକେଟ ଅର୍ଥାତ୍ ଟେଷ୍ଟ ନ ଖେଳି ମଧ୍ୟ ଇତିହାସ ରଚିଛନ୍ତି ।




ଆଇସିସି ଟେଷ୍ଟ ଅଲରାଉଣ୍ଡରଙ୍କ ନୂତନ ର୍ୟାଙ୍କିଂ ପ୍ରକାଶ କରିଛି । ଏଥିରେ ରବିନ୍ଦ୍ର ଜାଡ଼େଜା ୪୦୦ ରେଟିଂ ପଏଣ୍ଟ ସହିତ ପ୍ରଥମ ସ୍ଥାନରେ ଅଛନ୍ତି । ଏହାସହ ଜାଡେଜା ସର୍ବାଧିକ ଦିନ ପାଇଁ ଆଇସିସି ଟେଷ୍ଟ ଅଲରାଉଣ୍ଡର ବର୍ଗରେ ଏକ ନମ୍ବର ସ୍ଥାନରେ ରହିଛନ୍ତି ।

ଜାଡେଜା ୯ ମାର୍ଚ୍ଚ ୨୦୨୨ରେ ୱେଷ୍ଟଇଣ୍ଡିଜର ଜେସନ ହୋଲ୍ଡରଙ୍କୁ ପଛରେ ପକାଇ ବିଶ୍ୱର ଏକ ନମ୍ବର ଟେଷ୍ଟ ଅଲରାଉଣ୍ଡର ହୋଇଥିଲେ । ସେବେଠାରୁ ୩୮ ମାସ ବିତିଗଲାଣି, ଜାଡେଜା ଲଗାତାର ୧୧୫୨ ଦିନ ଧରି ନମ୍ବର ୱାନ ସ୍ଥାନରେ ଅଛନ୍ତି । ଏହା ତାଙ୍କର ଏହି ସଫଳତା ହାସଲ କରିବାର ଦ୍ୱିତୀୟ ସୁଯୋଗ ଥିଲା । କାରଣ ଏହା ପୂର୍ବରୁ, ସେ ଅଗଷ୍ଟ ୨୦୧୭ରେ ଗୋଟିଏ ସପ୍ତାହ ପାଇଁ ମଧ୍ୟ ନମ୍ବର ୱାନ ଥିଲେ ।

# ଜମନକିରା ରାଧାକୃଷ୍ଣ ପ୍ରିମିୟର ଲିଗ୍ ଉଦ୍‌ଯାପିତ

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**

ଜମନକିରା ମା’ ବୀଣାପାଣି କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ରାଧାକୃଷ୍ଣ ପଡ଼ା ପ୍ରିମିୟର ଲିଗ୍ ଉଦ୍‌ଯାପିତ ହୋଇଯାଇଛି । ଏହି ରାତ୍ରି କାଳୀନ କ୍ରିକେଟ ମ୍ୟାଚ୍‌ରେ ବଜରଙ୍ଗ ୧୧, ଖିଲାଡୀ ୧୧, ମହାକାଲ ଟାଇଗର, କିଙ୍ଗସ ୧୧, ଦ ୱାରିଅର, ରୟାଲ ଚଲେଞ୍ଜର, ଟ୍ରଫି ଫାଇଟର ଭଳି ସର୍ବ ମୋଟ ୭ଟି ଦଳ ଭାଗ ନେଇଥିବା ବେଳେ ଫାଇନାଲ ଖେଳ ଟ୍ରଫି ଫାଇଟର ଏବଂ ରୟାଲ ଚେଲେଞ୍ଜର ମଧ୍ୟରେ ହୋଇଥିଲା । ପ୍ରଥମ ବ୍ୟାଟିଙ୍ଗ କରି ଟ୍ରଫି ଫାଇଟର ୧୦ ଓଭରରେ ୩ ୱିକେଟ ହରାଇ ୧୨୪ ରନ କରିଥିଲା ଯାହାର ଜବାବରେ ରୟାଲ ଚେଲେଞ୍ଜର ୧୦ ଓଭରରେ ୬ ୱିକେଟ ହରାଇ ୬୧ ରନ କରିପାରିଥିଲା । ଫଳରେ ଟ୍ରଫି ଫାଇଟର ୬୩ ରନରେ ବିଜୟୀ ହୋଇଥିଲା । ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ଅତିଥିଭାବେ ଜମନକିରା ସ୍ୱାସ୍ଥ୍ୟ କେନ୍ଦ୍ର ଆୟୁଷ ଡାକ୍ତର ଡ. ଦିବ୍ୟ ରଞ୍ଜନ ବେହେରା, ଜମନକିରା ବିଶିଷ୍ଟ ସମାଜସେବୀ ଅବଦୁଲ ହବିବ, ଆଦିପ୍ରସାଦ ମହାକୁଳ, ଜିତେନ୍ଦର ସାହୁ ପ୍ରମୁଖ ଉପସ୍ଥିତ ରହି ବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ଅତିଥି ଗଣଙ୍କ ଦ୍ୱାରା ବିଭିନ୍ନ ଖେଳାଳିଙ୍କୁ ତାଙ୍କ ଭଲ ପ୍ରଦର୍ଶନ ପାଇଁ ମେଡାଲ ପ୍ରଦାନ କରାଯାଇଥିଲା ।

# ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ା: ମହିଳା ହକି, ଓମ୍‌କାରଙ୍କୁ ସ୍ୱର୍ଣ୍ଣ

**ନୂଆଦିଲ୍ଲୀ**

ବିହାରରେ ଚାଲିଥିବା ସପ୍ତମ ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ାରେ ଓଡ଼ିଶାକୁ ଦୁଇଟି ସ୍ୱର୍ଣ୍ଣ ଓ ଗୋଟିଏ କାଂସ୍ୟ ପଦକ ମିଳିଛି । ମହିଳା ହକି ଦଳ ଏବଂ ସଟ୍‌ପୁଟର ଓମ୍‌କାର ନନ୍ଦ ସ୍ୱର୍ଣ୍ଣ ଭେଟି ଦେଇଥିଲା ବେଳେ କାଂସ୍ୟ ଜିତିଛନ୍ତି ଲଙ୍ଗ୍ ଜମ୍ପର ପାର୍ବତୀ ହାଁସ୍‌ଦା । ମହିଳା ହକି ଫାଇନାଲ୍‌ରେ ଓଡ଼ିଶା ୩-୧ (୧-୧) ସୁଟ୍‌ଆଉଟ୍‌ରେ ଝାଡ଼ଖଣ୍ଡକୁ ହରାଇ ବିଜେତା ହୋଇଥିଲା । କଡ଼ାସଂଘର୍ଷ ପୂର୍ଣ୍ଣ ଏହି ଫାଇନାଲ୍‌ର ପ୍ରଥମାର୍ଦ୍ଧ ଗୋଲ୍‌ଶୂନ୍ୟରେ ଶେଷ ହୋଇଥିଲା । ତୃତୀୟ କ୍ୱାର୍ଟର ଶେଷ ହେବାକୁ କିଛି ସମୟ ଥିଲା ବେଳେ ଝାଡ଼ଖଣ୍ଡକୁ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ସଙ୍ଗୀତା କୁମାରୀ (୪୨ ମିନିଟ୍) ଗୋଲ୍‌ରେ ପରିଣତ କରି ଦଳକୁ ଅଗ୍ରଣୀ ଦେଇଥିଲେ । ତେବେ ୫୧ତମ ମିନିଟ୍‌ରେ ଓଡ଼ିଶାର ରୋଜ୍ ମେରି ଖାଲ୍‌କୋଙ୍କ ଫିଲ୍ଡ ଗୋଲ୍‌ରେ ସ୍ଥିତି ୧-୧ ହୋଇଥିଲା । ନିର୍ଦ୍ଧାରିତ ସମୟରେ ମ୍ୟାଚ୍ ଅମୀମାଂସିତ ରହିବାରୁ ଫଳାଫଳ ଲାଗି ସୁଟ୍‌ଆଉଟ୍‌ର ସହଯୋଗ ନିଆଯାଇଥିଲା । ଏଥିରେ ଓଡ଼ିଶା ୩-୧ରେ ଜିତି ବିଜୟ ବାନା ଉଡ଼ାଇଥିଲା । ସୁଟ୍‌ଆଉଟ୍‌ରେ ଓଡ଼ିଶାର ଅଧିନାୟିକା ଦ୍ରୁପତି ନାଏକ ୨ ଥର, ଡଲି ଭୋଇ ସଫଳ ହୋଇଥିଲା ବେଳେ ଗୋଲି ପବିତ୍ରା ହୋଡ଼ାମ ୩ଟି ସଟ୍ ରୋକି ଦଳକୁ ବିଜୟ ଦେବାରେ ପ୍ରମୁଖ ଭୂମିକା ତୁଲାଇଥିଲେ । ଅନ୍ୟପକ୍ଷରେ ଓଡ଼ିଶା ପୁରୁଷ ଦଳ କାଂସ୍ୟ ମୁକାବିଲାରେ ପଞ୍ଜାବଠୁ ୩-୪ ଗୋଲ୍‌ରେ ହାରି ପଦକ ହାତଛଡ଼ା କରିଛି ।

ବାଳକ ସଟ୍‌ପୁଟ୍‌ରେ ଓମ୍‌କାର ନନ୍ଦ ୨୦.୮୯ ମିଟର ଫିଙ୍ଗି ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ଜିତିଥିଲେ । ତାଙ୍କ ପଛକୁ ଉତ୍ତରପ୍ରଦେଶର ଅଖଣ୍ଡ ପ୍ରତାପ ସିଂହ (୧୯.୪୬ ମିଟର) ରୌପ୍ୟ ଏବଂ ହରିୟାଣାର ନିଶ୍ଚୟ (୧୯.୪୩ ମିଟର) କାଂସ୍ୟ ପାଇଥିଲେ । ଲଙ୍ଗ୍‌ଜମ୍ପ୍‌ରେ ପାର୍ବତୀ ୫.୪୩ ମିଟର ଡେଇଁ କାଂସ୍ୟ ପଦକ ଜିତିଥିଲେ । ତାମିଲନାଡୁର ସାଧନା ରବି (୫.୭୦ ମିଟର) ସ୍ୱର୍ଣ୍ଣ ଏବଂ କେରଳର ଅନନ୍ୟା ଏସ୍ (୫.୪୪ ମିଟର) ରୌପ୍ୟ ପାଇଥିଲେ । ଏଥିସହ ଏହି ପ୍ରତିଯୋଗିତାରେ ଓଡ଼ିଶାର ପଦକ ସଂଖ୍ୟା ୧୧ (୫ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୧ କାଂସ୍ୟ)ରେ ପହଞ୍ଚିଛି ।



# ଟେଷ୍ଟ କ୍ରିକେଟରୁ ସନ୍ନ୍ୟାସ ପରେ ଏବେ ରାଜନୀତିରେ ଯୋଗ ଦେବେ ରୋହିତ୍ !

**ମୁମ୍ବାଇ**

ହିଟ୍‌ମ୍ୟାନ୍ ତଥା ଭାରତୀୟ ଅଧିନାୟକ ରୋହିତ ଶର୍ମା ମେ’ ୭ ତାରିଖରେ ଟେଷ୍ଟ୍ କ୍ରିକେଟ୍‌ରୁ ସନ୍ନ୍ୟାସ ନେଇଥିଲେ । ଇଂଲଣ୍ଡ ଗସ୍ତରେ ତାଙ୍କୁ ଅଧିନାୟକ ପଦରୁ ହଟାଇବାକୁ ଚୟନକର୍ତ୍ତା ନୀତିଗତ ନିଷ୍ପତ୍ତି ନେଇ ସାରିଥିବାର ଖବର ପଦାକୁ ଆସିବାର କିଛି ସମୟ ଭିତରେ ହିଁ ରୋହିତ ନିଜ ଇନ୍‌ଷ୍ଟାଗ୍ରାମ ପୃଷ୍ଠାରେ ଲେଖି ଟେଷ୍ଟ୍‌ରୁ ଅବସର ଘୋଷଣା କରିଥିଲେ । ତେବେ ପୂର୍ବଭଳି ସେ ଦିନିକିଆ କ୍ରିକେଟ୍ ଖେଳିବା ଜାରି ରଖିବେ ।



ତେବେ ଟେଷ୍ଟ୍ କ୍ରିକେଟ୍‌ରୁ ସନ୍ନ୍ୟାସ ନେବା ପରେ ରୋହିତ୍ ରାଜନୀତିରେ ଯୋଗ ଦେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି । ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ ମୁମ୍ବାଇରେ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ବର୍ଷା ବଙ୍ଗଳାରେ ରୋହିତ ଶର୍ମାଙ୍କୁ ଭେଟିଥିଲେ । ଏହି ସମୟର ଏକ ଫଟୋ ଭାଇରାଲ ହେବା ପରେ ଏବେ ସେ ରାଜନୀତିରେ ଯୋଗ ଦେଇପାରନ୍ତି ବୋଲି ଚର୍ଚ୍ଚା ଜୋର ଧରିଛି ।

ରୋହିତଙ୍କ ସହ ଫଟୋ ସେୟାର କରି ଦେବେନ୍ଦ୍ର ଫଡନାଭିସ୍ ଲେଖିଛନ୍ତି ଯେ, ‘ଭାରତୀୟ କ୍ରିକେଟର ରୋହିତ ଶର୍ମାଙ୍କୁ ମୋର ସରକାରୀ ବାସଭବନ ବର୍ଷାରେ ସ୍ୱାଗତ କରିବା, ତାଙ୍କ ସହ ସାକ୍ଷାତ୍ କରିବା ଏବଂ ତାଙ୍କ ସହିତ ଅନେକ ବିଷୟରେ ଆଲୋଚନା କରି ଭଲ ଲାଗିଲା । ଟେଷ୍ଟ କ୍ରିକେଟରୁ ଅବସର ଏବଂ ତାଙ୍କ ଯାତ୍ରାର ପରବର୍ତ୍ତୀ ଅଧ୍ୟାୟରେ ସଫଳତା ପାଇଁ ମୁଁ ତାଙ୍କୁ ଶୁଭେଚ୍ଛା ଜଣାଇଲି ।’

ଫଡ୍‌ନାଭିସ୍‌ଙ୍କ ଏହି ପୋଷ୍ଟ ପରେ ଲୋକେ ରୋହିତଙ୍କୁ ମହାରାଷ୍ଟ୍ରର ଆଗାମୀ ମୁଖ୍ୟମନ୍ତ୍ରୀ ବୋଲି କହିବା ସହ କେହି କେହି ତାଙ୍କୁ ଆଗାମୀ ପ୍ରଧାନମନ୍ତ୍ରୀ ବୋଲି କମେଣ୍ଟରେ ଲେଖିଥିବା ଦେଖାଯାଇଛି ।

# ଅଧିନାୟକତ୍ୱ ମିଳିଲାନି ବୋଲି ସନ୍ନ୍ୟାସ ନେଲେ ବିରାଟ !

**ନୂଆଦିଲ୍ଲୀ**

ଟେଷ୍ଟ କ୍ରିକେଟ୍‌ରେ ‘କୋହଲି’ ଯୁଗର ଅବସାନ ଘଟିଛି । ଭାରତୀୟ କ୍ରିକେଟ୍‌ର ଅନ୍ୟତମ ଲୋକପ୍ରିୟ, ଚର୍ଚ୍ଚିତ ତଥା କିମ୍ବଦନ୍ତୀ କ୍ରୀଡ଼ା ପୁରୁଷ ବିରାଟ କୋହଲି ଅଚାନକ ଏହି ଫର୍ମାଟ୍‌ରୁ ଅବସର ଘୋଷଣା କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛନ୍ତି । ସୋମବାର ସାମାଜିକ ଗଣମାଧ୍ୟମରେ ସେ ଏହି ବିଷୟ ଜଣାଇବା ପରେ ସମଗ୍ର କ୍ରିକେଟ୍ ଜଗତ ତାଙ୍କ ଜାଜ୍ୱଲ୍ୟମାନ ଟେଷ୍ଟ କ୍ୟାରିୟରକୁ ସାଲ୍ୟୁଟ୍ କରିଥିଲା । ସାଥୀ ଖେଳାଳିଙ୍କ ଠାରୁ ଆରମ୍ଭ କରି ପ୍ରତିପକ୍ଷ, ପ୍ରଶଂସକ ଏବଂ ପୂର୍ବତନ କ୍ରିକେଟ୍‌ର ମାନେ କୋହଲିଙ୍କ ଏହି ନିଷ୍ପତ୍ତିରେ ବିସ୍ମୟ ପ୍ରକଟ କରିଥିଲେ ମଧ୍ୟ ପରବର୍ତ୍ତୀ ଜୀବନ ପାଇଁ ଶୁଭକାମନା ଜଣାଇଥିଲେ । ଅନ୍ୟପକ୍ଷରେ ଗୁରୁତ୍ୱ ପୂର୍ଣ୍ଣ ଇଂଲଣ୍ଡ ଗସ୍ତ ପୂର୍ବରୁ କୋହଲି ଏମିତି ଅବସର ଘୋଷଣା କରିବା ନେଇ ନାନା ତର୍କବିତର୍କ ଆରମ୍ଭ ହୋଇଯାଇ ଥିଲା । ୩୬ ବର୍ଷୀୟ କୋହଲି ପୂର୍ବରୁ ଟ୍ୱେଣ୍ଟି-୨୦ରୁ ଅବସର ନେଇ ସାରିଛନ୍ତି । ଟେଷ୍ଟ ଛାଡ଼ିବା ପରେ ଆଗାମୀ ସମୟରେ ପ୍ରଶଂସକ ତାଙ୍କୁ କେବଳ ଏକଦିବସୀୟ କ୍ରିକେଟ୍ ଖେଳୁଥିବାର ଦେଖିବାକୁ ପାଇବେ ।




ତେବେ ହଠାତ୍ କୋହଲି କାହିଁକି ଏଭଳି ନିଷ୍ପତ୍ତି ନେଲେ ସେ ନେଇ ଅନେକ ଚର୍ଚ୍ଚା ଚାଲିଥିବା ବେଳେ ଏବେ ତାହାର କାରଣ ସାମ୍ନାକୁ ଆସିଛି । ରିପୋର୍ଟ ଅନୁସାରେ, କୋହଲି ଏକ ନୂତନ ଚ୍ୟାଲେଞ୍ଜ ଚାହୁଁଥିଲେ, ଏହି ପରିବର୍ତ୍ତନର ପର୍ଯ୍ୟାୟରେ ଅଧିନାୟକ ଭୂମିକାକୁ ଫେରି ଦଳକୁ ସମ୍ଭାଳିବାର ସୁଯୋଗ ଚାହୁଁଥିଲେ । କିନ୍ତୁ ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ର ଯୋଜନା କିଛି ଅଲଗା ଥିଲା । ବିସିସିଆଇ ବିରାଟଙ୍କ ପରିବର୍ତ୍ତେ ଯୁବ କ୍ରିକେଟରଙ୍କୁ ଅଧିନାୟକତ୍ୱ ଦେବାକୁ ଚାହୁଁଥିବା ଜାଣିବାକୁ ପାଇଥିଲେ ବିରାଟ । ଏହା ପରେ ବର୍ତ୍ତମାନର ପରିଚାଳନା କମିଟି ଅଧୀନରେ, ସେ ଚାହୁଁଥିବା ସ୍ୱାଧୀନତା, ପରିବେଶ ଏବଂ ଉତ୍ସାହ ତାଙ୍କୁ ମିଳୁନଥିବାରୁ ସେ ଅବସର ନେବାକୁ ନିଷ୍ପତ୍ତି ନେଇଥିଲେ ବୋଲି ଚର୍ଚ୍ଚା ହେଉଛି ।

# ଅପରେସନ ସିନ୍ଦୂର ନେଇ ୭୦ ଦେଶଙ୍କୁ ଜଣାଇଲା ଭାରତ

**ନୂଆଦିଲ୍ଲୀ**

ପାକିସ୍ତାନ ଓ ପିଓକେରେ ଥିବା ଆତଙ୍କୀ ଶିବିର ଧ୍ୱଂସ କରିବା ଲାଗି ଭାରତ ଗ୍ରହଣ କରିଥିବା ସାମରିକ କାର୍ଯ୍ୟାନୁଷ୍ଠାନ ଅପରେସନ ସିନ୍ଦୂର ସମ୍ପର୍କରେ ୭୦ଟି ଦେଶକୁ ଅବଗତ କରିଛି । ଭାରତର ପ୍ରତିରକ୍ଷା ଗୁଇନ୍ଦା ଏଜେନ୍ସି (ଡିଆଇଏ)ର ମହା ନିର୍ଦ୍ଦେଶକ ଲେଫ୍ଟନାଣ୍ଟ ଜେନେରାଲ ଡି.ଏସ୍ ରାଣା ନୂଆଦିଲ୍ଲୀରେ ଅନୁଷ୍ଠିତ ଏକ ବୈଠକରେ ୭୦ଟି ଦେଶର ବିଦେଶ ସେବା ଅଧିକାରୀଙ୍କୁ ଆତଙ୍କୀ ଠିକଣା ଉପରେ ଆକ୍ରମଣ ସମ୍ପର୍କରେ ଜଣାଇଛନ୍ତି । ଏଥିସହ ଅପରେସନ ସିନ୍ଦୂର କିଭଳି ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ସୃଷ୍ଟି କରିଥିଲା ତାହା ମଧ୍ୟ ସେମାନଙ୍କୁ ଅବଗତ କରିଛନ୍ତି । ଅପରେସନ ସିନ୍ଦୂରରେ ୩ ବାହିନୀର କିଭଳି ଭୂମିକା ଥିଲା, କିଭଳି ଆତଙ୍କୀ ଶିବିରକୁ ଧ୍ୱଂସ କରାଯାଇଥିଲା, ଚୟନ ଲକ୍ଷ୍ୟକୁ ହାସଲ କରିବା ଲାଗି ଭାରତ କିଭଳି ସଠିକ ଓ ତ୍ୱରିତ କର୍ଯ୍ୟାନୁଷ୍ଠାନ ନେଲା ଓ କିଭଳି ଅପରେସନକୁ ଅନ୍ତିମ ରୂପରେଖ ଦିଆଗଲା ତାହାର ସବିଶେଷ ତଥ୍ୟ ଲେଫ୍ଟନାଣ୍ଟ ଜେନେରାଲ ବିଦେଶ ରାଷ୍ଟ୍ରର ପ୍ରତିନିଧିମାନଙ୍କୁ ଜଣାଇଥିଲେ ।




# ଏମଆଇ, ଆରସିବି, ଜିଟି ସହ ୬ଟି ଦଳକୁ ଲାଗିଲା ଝଟ୍‌କା

**ନୂଆଦିଲ୍ଲୀ**

ଇଣ୍ଡିଆନ୍ ପ୍ରିମିୟର ଲିଗ୍ ସିଜିନ୍ ୧୮ ପୁଣି ଥରେ ଆରମ୍ଭ ହେବାକୁ ଯାଉଛି, ଏହା ମେ ୧୭ରେ ଆରସିବି ବନାମ କେକେଆରରୁ ଆରମ୍ଭ ହେବ । ଫାଇନାଲ ମ୍ୟାଚ୍ ଜୁନ୍ ୩ ତାରିଖରେ ଖେଳାଯିବ । କିନ୍ତୁ ଏହା ପୂର୍ବରୁ ଦକ୍ଷିଣ ଆଫ୍ରିକା କ୍ରିକେଟ ବୋର୍ଡ ଏକ ଝଟକା ଦେଇଛି । ଦକ୍ଷିଣ ଆଫ୍ରିକା କ୍ରିକେଟ ବୋର୍ଡ ବିଶ୍ୱ ଟେଷ୍ଟ ଚାମ୍ପିଅନସିପରେ ସାମିଲ ଥିବା ଖେଳାଳିମାନଙ୍କୁ ମେ ୨୬ ସୁଦ୍ଧା ଫେରିବାକୁ କହିଛି, ଏହା ପ୍ଲେଅଫ୍ ଦୌଡ଼ରେ ଥିବା ମୁମ୍ବାଇ ଇଣ୍ଡିଆନ୍ସ, ଆରସିବି, ଗୁଜରାଟ ଟାଇଟାନ୍ସ, ପଞ୍ଜାବ କିଙ୍ଗ୍ସ ସମେତ ୬ଟି ଦଳକୁ କ୍ଷତି ପହଞ୍ଚାଇବ ।




ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିଅନସିପର ଶେଷ ମ୍ୟାଚ୍ ଅଷ୍ଟ୍ରେଲିଆ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବ । ଟାଇଟଲ ମ୍ୟାଚ୍ ୧୧ରୁ ୧୫ ଜୁନ୍ ପର୍ଯ୍ୟନ୍ତ ଲର୍ଡସ୍ କ୍ରିକେଟ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ । କ୍ରିକେଟ ଦକ୍ଷିଣ ଆଫ୍ରିକା ଦଳରେ ସାମିଲ ଥିବା ଖେଳାଳିମାନଙ୍କୁ ମେ ୨୬ ସୁଦ୍ଧା ଫେରିବାକୁ ନିର୍ଦ୍ଦେଶ ଦେଇଛି । ଏହା ଏଥିପାଇଁ ଯେ ଖେଳାଳିମାନେ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ଫାଇନାଲର ପ୍ରସ୍ତୁତି ପାଇଁ ପର୍ଯ୍ୟାପ୍ତ ସମୟ ପାଇବେ । ପ୍ରକାଶଥାଉକି, ଆଇପିଏଲ ୨୦୨୫ରେ ମୋଟ ୨୦ ଜଣ ଦକ୍ଷିଣ ଆଫ୍ରିକୀୟ ଖେଳାଳି ବିଭିନ୍ନ ଦଳ ସହିତ ଜଡିତ ଅଛନ୍ତି । କିନ୍ତୁ ଏମାନଙ୍କ ମଧ୍ୟରୁ ୮ ଜଣ ଖେଳାଳି ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ଫାଇନାଲ୍ ସ୍କ୍ୱାଡ୍‌ର ଅଂଶ । ଏମାନଙ୍କ ମଧ୍ୟରୁ ୨ ଜଣ ଖେଳାଳି ମୁମ୍ବାଇ ଇଣ୍ଡିଆନ୍ସ ଦଳରେ ଅଛନ୍ତି ।

କର୍ବିନ ବୋଶ (ମୁମ୍ବାଇ ଇଣ୍ଡିଆନ୍ସ), ରିଆନ ରିକେଲଟନ (ମୁମ୍ବାଇ ଇଣ୍ଡିଆନ୍ସ), ୱାଇଆନ ମୁଲଡର (ସନରାଇଜର୍ସ ହାଇଦ୍ରାବାଦ), ମାର୍କୋ ଜାନସେନ (ପଞ୍ଜାବ କିଙ୍ଗସ), ଏଡେନ ମାର୍କରାମ (ଲକ୍ଷ୍ନୌ ସୁପରଜିଆଣ୍ଟସ), ଲୁଙ୍ଗି ଏନଗିଡି (ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର), କାଗିସୋ ରାବାଡା (ଗୁଜରାଟ ଟାଇଟାନ୍ସ) ଏବଂ ଟ୍ରିଷ୍ଟାନ ଷ୍ଟବସ (ଦିଲ୍ଲୀ କ୍ୟାପିଟାଲ୍ସ)ଙ୍କୁ ଡବ୍ଲ୍ୟୁଟିସି ଫାଇନାଲ ଦଳରେ ସାମିଲ କରାଯାଇଛି । ସେମାନଙ୍କ ମଧ୍ୟରୁ କେବଳ ସନରାଇଜର୍ସ ହାଇଦ୍ରାବାଦ ବର୍ତ୍ତମାନ ପ୍ଲେଅଫ୍ ଦୌଡ଼ରୁ ବାହାର ହୋଇଛି ।

# ହସ୍ପିଟାଲ କିରାଣୀଙ୍କ ବିରୁଦ୍ଧରେ ଏଡିଏମ୍‌ଙ୍କ ତଦନ୍ତ ଆରମ୍ଭ

**କଟକ, ନ୍ୟୁଜ୍‌ବ୍ୟୁରୋ**

କଟକ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ସି.ଟି ହସ୍ପିଟାଲ ଅଧକ୍ଷକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ କିରାଣୀ ସତ୍ୟବ୍ରତ ନନ୍ଦଙ୍କ ସରକାରୀ ନିୟମ ମୁତାବକ ବଦଳି ହେଉନି । ସେ ୧୦ବର୍ଷରୁ ଅଧିକ ସମୟ ଧରି ଗୋଟିଏ ସ୍ଥାନରେ, ଗୋଟିଏ ପଦବୀରେ ରହିବା ସହ ରୋଗୀଙ୍କୁ ରେଫେରାଲ୍ ପ୍ରଦାନ ଦୁର୍ନୀତିରେ ଜଡ଼ିତ ଅଛନ୍ତି ବୋଲି ଅଭିଯୋଗ ଉଠାଇ ଆମ୍ବେଦକର ସ୍ମୃତି ପରିଷଦର ସଭାପତି ତଥା ସମାଜସେବୀ ସୁକାନ୍ତ ସେଠୀଙ୍କ ନେତୃତ୍ୱରେ ସମ୍ପୃକ୍ତ କିରାଣୀଙ୍କୁ ତୁରନ୍ତ ବଦଳି କରିବାକୁ ଗତ ୩୦ ଅପ୍ରେଲ ୨୦୨୫ରେ ଜିଲ୍ଲାପାଳଙ୍କ ନିକଟରେ ଏକ ପ୍ରତିନିଧି ମଣ୍ଡଳୀ ଲିଖିତ ଦାବି କରିଥିଲେ । ଅଭିଯୋଗ ମୁତାବକ କିରାଣୀ ଜଣଙ୍କ ପୂର୍ବରୁ ନିଶ୍ଚିନ୍ତକୋଇଲି ଓ କଟକ ନୂଆବଜାର ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟ କରୁଥିବା ସମୟରେ ଆର୍ଥିକ ଅନିୟମିତତା ଅଭିଯୋଗରେ ଫଶିଥିଲେ । ଫଳରେ ତାଙ୍କୁ ସି.ଡ଼ି.ଏମ୍.ଓ କାର୍ଯ୍ୟାଳୟକୁ ବଦଳି କରାଯାଇଥିଲା । ତତ୍କାଳୀନ ସି.ଡି.ଏମ୍.ଓ କିରାଣୀଙ୍କ କାର୍ଯ୍ୟ-କଳାପରେ ଅସନ୍ତୋଷ ପ୍ରକାଶ କରି ତାଙ୍କୁ ସି.ଟି ହସ୍ପିଟାଲକୁ ଡେପୁଟେସନରେ ପଠାଇଥିଲେ । ତେବେ ସମ୍ପୃକ୍ତ କିରାଣୀ ଜଣକ ଚଞ୍ଚକତା କରି ପୂର୍ବରୁ କାର୍ଯ୍ୟରତ କନିଷ୍ଠ କିରାଣୀକୁ ଅନ୍ୟତ୍ର ପଠାଇ ଦେଇ ନିଜେ ଦୁର୍ନୀତିରେ ଲିପ୍ତ ଥାଇ ମଧ୍ୟ ଗାଦି ମାଡିବସିଛନ୍ତି ବୋଲି ପରିଷଦ ପକ୍ଷରୁ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଦେଙ୍କ ନିକଟରେ ଲିଖିତ ଅଭିଯୋଗ ପରେ ଜିଲ୍ଲାପାଳ ମହୋଦୟ ଅଭିଯୋଗକୁ ଗୁରୁତ୍ୱର ସହ ବିଚାରକୁ ନେଇ ଅଭିଯୋଗ ସଂଖ୍ୟା ୧୨୫୩/୦୧/୦୫/୨୦୨୫ରେ ଏ.ଡି.ଏମ୍ (ସ୍ୱାସ୍ଥ୍ୟ ବିଭାଗ) ଶିବ ଟପ୍ପା ତଦନ୍ତ ଆରମ୍ଭ କରିଥିବା ଜଣାଯାଇଛି ।

# ଆତଙ୍କୀ ଆକ୍ରମଣ ପୂର୍ବରୁ ପହଲଗାମର ଉପଗ୍ରହ ଚିତ୍ର କିଣାଯାଇଥିଲା

**ନୂଆଦିଲ୍ଲୀ**

ଏପ୍ରିଲ ୨୨ରେ ପହଲଗାମ୍‌ରେ ଆତଙ୍କୀ ଆକ୍ରମଣ ପୂର୍ବରୁ ସେହି ଅଞ୍ଚଳର ଉପଗ୍ରହ ଚିତ୍ର କିଣାଯାଇ ଥିଲା । ଆମେରିକାର ସ୍ପେସ୍ ଟେକ୍ କମ୍ପାନି ମାକ୍ସର ଟେକ୍ନୋଲୋଜିସ୍‌କୁ ପହଲଗାମ୍ ଓ ତା’ର ଆଖପାଖ ଅଞ୍ଚଳର ହାଇ-ରିଜୋଲ୍ୟୁସନ୍ ଉପଗ୍ରହ ଚିତ୍ର ଦେଖିବାକୁ ବିପୁଳ ମାତ୍ରାରେ ଅର୍ଡର ମିଳିଥିଲା । ‘ଦ ପ୍ରିଣ୍ଟ’ର ରିପୋର୍ଟ ଅନୁସାରେ, ଚଳିତବର୍ଷ ଫେବୃୟାରୀ ୨ରୁ ୨୨ ତାରିଖ ମଧ୍ୟରେ ମାକ୍ସର ଟେକ୍ନୋଲୋଜିସ୍‌କୁ ଏଥିସହ ଜଡ଼ିତ ଅତି କମରେ ୧୨ଟି ଅର୍ଡର ମିଳିଥିଲା । ଏହା ସାମାନ୍ୟ ସଂଖ୍ୟାଠାରୁ ଦୁଇ ଗୁଣ ଥିଲା । ଏହି କମ୍ପାନିର ଗ୍ରାହକଙ୍କ ମଧ୍ୟରେ ପାକିସ୍ତାନର ବିଜନେସ୍ ସିଷ୍ଟମ୍ସ ଇଣ୍ଟରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ୍ (ବିଏସ୍‌ଇ) ବି ସାମିଲ ଥିଲା । ଏଭଳି କ୍ଷେତ୍ରରେ ମାକ୍ସର ଟେକ୍ନୋଲୋଜିସ୍ ଏବେ ବିଏସ୍‌ଇ ସହିତ ପାର୍ଟନରସିପ୍ ବା ସହଭାଗିତା ଶେଷ କରିଛି । ଅବଶ୍ୟ ପହଲଗାମ୍‌ର ଉପଗ୍ରହ ଚିତ୍ର ଲାଗି ବିଏସ୍‌ଇ ଅର୍ଡର ଦେଇଥିଲା କି ନାହିଁ, ଏହି ଚିତ୍ର ସବୁ ପହଲଗାମ୍ ଆକ୍ରମଣ ଲାଗି ଷଡ଼ଯନ୍ତ୍ରରେ ବ୍ୟବହାର କରାଯାଇଥିଲା କି ନାହିଁ ତାହା ଅଦ୍ୟାବଧି ସ୍ପଷ୍ଟ ହୋଇ ନଥିବା ରିପୋର୍ଟରେ ଦର୍ଶାଯାଇଛି । ତେବେ ଭାରତ ସରକାର ମାକ୍ସର ଟେକ୍ନୋଲୋଜିସ୍‌କୁ ଏହି ଉପଗ୍ରହ ଚିତ୍ର କିଏ ଓ କାହିଁକି ମଗାଇଥିଲେ । ତାହା ଯାଞ୍ଚ କରାଇବାକୁ କହିପାରନ୍ତି ।

ପହଲଗାମ୍ ଅଞ୍ଚଳର ଉପଗ୍ରହ ଚିତ୍ର ଲାଗି ଜୁନ୍ ୨୦୨୪ରୁ ଅର୍ଡର ଆସିବା ଆରମ୍ଭ କରିଥିଲା । ଚଳିତ ଫେବୃୟାରୀରେ ଏହି ଅର୍ଡର ସଂଖ୍ୟା ଦୁଇଗୁଣ ହୋଇଯାଇଥିଲା । ଫେବୃୟାରୀ ୧୨, ୧୫, ୧୮, ୨୧, ୨୨ରେ ଏହି ଫଟୋ କିଣାଯାଇଥିଲା । ତେବେ ମାର୍ଚ୍ଚରେ କୌଣସି ଅର୍ଡର ଆସିନଥିଲା । ଆକ୍ରମଣର ଠିକ୍ ୧୦ ଦିନ ପୂର୍ବରୁ ଏପ୍ରିଲ ୧୨ରେ ଏକ ଅର୍ଡର ମିଳିଥିଲା । ଏହାପରେ ଏପ୍ରିଲ ୨୪ ଓ ୨୯ରେ ମଧ୍ୟ ଫଟୋ ପାଇଁ ଦୁଇଟି ଅର୍ଡର ଆସିଥିଲା । ତା’ ପରଠାରୁ କୌଣସି ନୂଆ ଅର୍ଡର ଆସିନାହିଁ ।

ମାକ୍ସର ପୋର୍ଟାଲର ଆକ୍ସେସ୍‌ରେ ପହଲଗାମ୍ ବ୍ୟତୀତ ଜମ୍ମୁ-କଶ୍ମୀରର ପୁଲଓ୍ୱାମ, ଅନନ୍ତନାଗ, ପୁଞ୍ଛ, ରଜୌରି ଓ ବାରାମୂଲା ଭଳି ସମ୍ବେଦନଶୀଳ କ୍ଷେତ୍ରର ଉପଗ୍ରହ ଚିତ୍ର ମିଳିଛି । ପ୍ରତି ଉପଗ୍ରହ ଚିତ୍ରର ମୂଲ୍ୟ ୩ ଲକ୍ଷ ଟଙ୍କାରୁ ଆରମ୍ଭ ହୋଇ ଥାଏ । ରିଜୋଲ୍ୟୁସନ୍ ଅନୁସାରେ ଫଟୋର ଦାମ୍ ବଢ଼ି ବଢ଼ି ଚାଲେ । ସୂଚନାଥାଉକି, ମାକ୍ସର ଟେକ୍ନୋଲୋଜିସ୍ ନିଜର ଉନ୍ନତ ମାନର ଉପଗ୍ରହ ଚିତ୍ର ଲାଗି ପରିଚିତ । ଭାରତର ପ୍ରତିରକ୍ଷା ମନ୍ତ୍ରଣାଳୟ ଓ ଇସ୍ରୋ ସହିତ ଅନେକ ସରକାରୀ ଏଜେନ୍ସି ମା’ଙ୍କୁର ସହ ଜଡ଼ିତ ।

# ଧାମନଗର-ଫଳପୁର ପ୍ରଧାନମନ୍ତ୍ରୀ ସଡ଼କ ଏବେ ବିପର୍ଯ୍ୟସ୍ତ

**ଧାମନଗର, ନ୍ୟୁଜ୍‌ବ୍ୟୁରୋ**

ଧାମନଗର-ଫଳପୁର ପ୍ରଧାନମନ୍ତ୍ରୀ ସଡ଼କ ୨୦୦୬ ମସିହାରୁ ଆରମ୍ଭ ହୋଇଥିଲେ ସୁଧା ଆଜି ପର୍ଯ୍ୟନ୍ତ ଶେଷ ହୋଇ ପାରିଲା ନାହିଁ । ମାତ୍ର ପ୍ରତିବର୍ଷ ମରାମତି ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି ମାତ୍ର କୌଣସି ଫଳପ୍ରଦ ହୋଇପାରୁ ନାହିଁ । ଉକ୍ତ ରାସ୍ତା ଉପରେ ୧୦ଟି ପଞ୍ଚାୟତର ପ୍ରାୟ ୨୦ ହଜାର ଜନସାଧାରଣ ନିର୍ଭର କରନ୍ତି । ଉକ୍ତ ରାସ୍ତା ଦେଇ ଦୈନିକ ସ୍କୁଲ କଲେଜକୁ ଛାତ୍ରଛାତ୍ରୀମାନେ ଯାଇଥାଆନ୍ତି ମାତ୍ର ଉକ୍ତ ରାସ୍ତା ବିଭିନ୍ନ ସ୍ଥାନରେ ବଡ଼ବଡ଼ ଗର୍ତ୍ତ ସୃଷ୍ଟି ହୋଇଥିବାରୁ ଯାତାୟାତରେ ଲୋକମାନେ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ସ୍ଥାନୀୟ ଲୋକେ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କେହି ଶୁଣୁନଥିବା ଅଭିଯୋଗ ହୋଇଛି । ରାସ୍ତା ମଝିରେ ଗାତ ସୃଷ୍ଟି ଯୋଗୁଁ ଲୋକେ ନାହିଁ ନଥିବା ଅସୁବିଧା ଭୋଗୁଥିଲେ ମଧ୍ୟ ବିଭାଗୀୟ ଯନ୍ତ୍ରୀ କୁମ୍ଭକର୍ଣ୍ଣ ନିଦ୍ରାରେ ରହିବା ଘଟଣା ବିଭାଗର ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଉକ୍ତ ରାସ୍ତାର ରାମେଶ୍ୱର ପୁର ଛକ, ବିରୁହା, ଜାହାଙ୍ଗୀର, ପାଟୁଳୀ ଆଦି ସ୍ଥାନରେ ବଡ଼ବଡ଼ ଗାତ ସୃଷ୍ଟି ହେବାସହ ରାସ୍ତା ନଷ୍ଟ ହୋଇ ଯାଇଛି । ସାମାନ୍ୟ ବର୍ଷାରେ ରାସ୍ତାରେ ମଧ୍ୟ ପାଣି ଜମି ରହୁଛି । ଛୋଟ ଛୋଟ ଗାଡ଼ି ସେଠାରେ ପଡ଼ିଯାଉଛି ଫଳରେ ଲୋକମାନେ ଖଣ୍ଡିଆ ଖାବରା ହେଉଛନ୍ତି । ଦୀର୍ଘବର୍ଷ ଧରି ରାସ୍ତା କାମ ସରୁ ନଥିବାରୁ ଲୋକମାନେ ବିଭିନ୍ନ ସମସ୍ୟାରେ ହଇରାଣ ହେଉଛନ୍ତି । ନେତା ମନ୍ତ୍ରୀ ବଦଳୁଛନ୍ତି, ସରକାର ବଦଳୁଛନ୍ତି ମାତ୍ର ଉକ୍ତ ରାସ୍ତାର ଭାଗ୍ୟ ବଦଳୁ ନାହିଁ । ଶୁଣିବାକୁ ମିଳୁଛି ଉକ୍ତ ରାସ୍ତାଟି ଗ୍ରାମଉନ୍ନୟନ ବିଭାଗରେ ଥିବା ବେଳେ ତାହା ଏବେ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ହୋଇଥିବାରୁ ପୂର୍ତ୍ତ ବିଭାଗ ଉକ୍ତ ରାସ୍ତା ମରାମତି କରିବ ବୋଲି ଶୁଣିବାକୁ ମିଳୁଛି । ହେଲେ ସେଭଳି କୌଣସି ନିର୍ଦ୍ଦେଶ ମିଳିନାହିଁ ବୋଲି ପୂର୍ତ୍ତ ବିଭାଗର କନିଷ୍ଠ ଯନ୍ତ୍ରୀ ପ୍ରକାଶ ମିଶ୍ର କହିଛନ୍ତି । ଏପଟେ ରାସ୍ତାଟି କେଉଁ ବିଭାଗରେ କିଏ ସେ କାମ କରିବ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ତେବେ ବର୍ଷା ଦିନ ପୂର୍ବରୁ ଉକ୍ତ ରାସ୍ତା ମରାମତି କରାନଗଲେ ରାସ୍ତା ରୋକ ସହ ଆଇନକୁ ହାତକୁ ନେଲା ଭଳି କାର୍ଯ୍ୟ ଗ୍ରହଣ କରାଯିବ ବୋଲି ବରିଷ୍ଠ କଂଗ୍ରେସ ନେତା ଅଭିଷେକ ରାଉତ, ରମେଶ ବେହେରା, ପ୍ରଭାତ ପଣ୍ଡା, ଦିଲୀପ ଜେନା, ରଞ୍ଜିତ ଜେନା, ବିରଜା ପ୍ରସନ୍ନ ରାଉତ, ବିକାଶ ସାହୁ ପ୍ରମୁଖ ଦାବି କରିଛନ୍ତି ।



ଭୁବନେଶ୍ୱର
୧୫ ମଇ,
ଗୁରୁବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27



ସୂଚନା ଓ ଲୋକ ସଂପର୍କ ବିଭାଗର ନିର୍ଦ୍ଦେଶକ ଦେବପ୍ରସାଦ ଦାଶ ଏବଂ ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ର ନାଥ ପରିଡ଼ା ରାଜଭବନରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି । ଏହି ଅବସରରେ ରାଜ୍ୟପାଳଙ୍କୁ ଭାରତର ମହାମହିମ ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ ସମୟର ଫଟୋ ଆଲ୍‌ବମ୍ ସହିତ ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର କପି ପ୍ରଦାନ କରୁଛନ୍ତି । (ଫଟୋ : ସମ୍ବାଦ କଳିକା)

## ଦୀଘା 'ଜଗନ୍ନାଥ ଧାମ' ନିଷ୍ପତ୍ତି ଓ ଦାରୁ ବିଭ୍ରାଟ ପ୍ରସଙ୍ଗ

# ଗଜପତିଙ୍କୁ ଚିଠି ଲେଖି ଦୋଷ ଛଡ଼ାଇଲା ଇସ୍କନ



ପୁରୀ,୧୪/୦୫
ନ୍ୟୁଜ ବ୍ୟୁରୋ

ଶ୍ରୀମନ୍ଦିରରୁ ବଳକା ଦାରୁ ଅଂଶ ନିଆଯାଇ ଚତୁର୍ଦ୍ଧା ବିଗ୍ରହ ନିର୍ମାଣ ପରେ ପଶ୍ଚିମବଙ୍ଗର ଦୀଘା ଜଗନ୍ନାଥ ମନ୍ଦିରରେ ପ୍ରତିଷ୍ଠା ହେଲା । ଦଇତାପତି ସମ୍ପାଦକ ରାମକୃଷ୍ଣ ଦାସମହାପାତ୍ର ବଙ୍ଗଳା ଚ୍ୟାନେଲକୁ ଦେଇଥିବା ଏହି ପ୍ରତିକ୍ରିୟାକୁ ନେଇ ରାଜ୍ୟ ହୁଲସ୍ଥୁଲ ହେଲା । ସେପଟେ ଦୀଘାକୁ 'ଜଗନ୍ନାଥ ଧାମ' କରିବା ନେଇ ପଶ୍ଚିମବଙ୍ଗ ସରକାରଙ୍କ ନିଷ୍ପତ୍ତି ନିଆଁରେ ଘିଅ ଢାଳିଲା । ଏଥିରେ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ବୋର୍ଡରେ ଦଇତାପତି ସମ୍ପାଦକ ରାମକୃଷ୍ଣ ଦାସମହାପାତ୍ରଙ୍କ ସମେତ ଅନ୍ୟଜଣେ ଦଇତାପତି ସେବାୟତ ସଦସ୍ୟ ରହିଥିଲେ ହେଁ 'ଜଗନ୍ନାଥ ଧାମ' ନିଷ୍ପତ୍ତିକୁ ବିରୋଧ ନ କରିବା ବିବାଦକୁ ଅଧିକ ଆଲୋଚନାର ବିଷୟ କରିଛି । ଦୀଘାକୁ 'ଜଗନ୍ନାଥ ଧାମ' କରିବା ପଛରେ ଇସ୍କନର ସମ୍ପୃକ୍ତି ନେଇ ଅଙ୍ଗୁଳି ଉଠାଇ ଗଜପତି ମହାରାଜ ଦିବ୍ୟସିଂହ ଦେବ ମାୟାପୁର ଇସ୍କନ ଗଭର୍ଣ୍ଣିଂବଡି ସୋସାଇଟି ଅଧ୍ୟକ୍ଷଙ୍କୁ ଲେଖିଥିବା ଚିଠିର ଆସିଛି ଉତ୍ତର । ମାୟାପୁର ସୋସାଇଟି ଅଧ୍ୟକ୍ଷ ଚିଠି ଲେଖି ଗଜପତିଙ୍କୁ ଦେଇଥିବା ଉତ୍ତରରେ ଦିଦିଙ୍କ ମିଛ ଧରାପଡ଼ିଛି । ଏଥିସହ ରାମକୃଷ୍ଣଙ୍କ ସମ୍ପୃକ୍ତିକୁ ଆହୁରି ଖୁଲାସା କରିଛି । ଚିଠିରେ ଇସ୍କନ ପକ୍ଷରୁ କୁହାଯାଇଛି, ଦୀଘାକୁ ଜଗନ୍ନାଥ ଧାମ କହିବା ପଛରେ ଇସ୍କନର ଭୂମିକା ଶୂନ । ସବୁ ପଶ୍ଚିମବଙ୍ଗ ସରକାରଙ୍କ ନିଷ୍ପତ୍ତି । ଦୀଘା ଜଗନ୍ନାଥ ମନ୍ଦିର ପରିଚାଳନା ନିମନ୍ତେ ଯେଉଁ ଟ୍ରଷ୍ଟ ଗଠନ ହୋଇଛି ସେଥିରେ ଇସ୍କନର ମାତ୍ର ଜଣେ ସଦସ୍ୟ ରହିଛନ୍ତି । ଇସ୍କନକୁ କେବଳ ସେବାପୂଜା ଦାୟିତ୍ୱ ଦିଆଯାଇଛି । ଶ୍ରୀମନ୍ଦିର ଦଇତାପତି ନିଯୋଗ ସମ୍ପାଦକ ରାମକୃଷ୍ଣ ଦାସମହାପାତ୍ର ମଧ୍ୟ ଦୀଘା ଜଗନ୍ନାଥ ମନ୍ଦିରର ଜଣେ ଟ୍ରଷ୍ଟି । ପୁରୀରୁ କାଠରେ ଦିଅଁ ନିର୍ମାଣ କରି ଆଣିବା ସହ ଏହି ଦଇତାପତି ଦୀଘାରେ ପ୍ରାଣ ପ୍ରତିଷ୍ଠା କରିଥିଲେ । ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହି ଦଇତାପତିଙ୍କ ଶିଷ୍ୟା ବୋଲି ମଧ୍ୟ କହିଥିଲେ । ଯେହେତୁ ଦୀଘାକୁ ଜଗନ୍ନାଥ ଧାମ ନିଷ୍ପତ୍ତି ମମତା ସରକାର ନେଇଛନ୍ତି ଏହାର ଠିକ୍ ଉତ୍ତର ସେ ଦେଇପାରିବେ ବୋଲି ଇସ୍କନ କହିଛି । ଏନେଇ ଗଣମାଧ୍ୟମକୁ ଇସ୍କନ କମ୍ୟୁନିକେସନ ନିର୍ଦ୍ଦେଶକ ପ୍ରେମାନନ୍ଦ ଦାସ କହିଛନ୍ତି, ଦୀଘାରେ ମନ୍ଦିର ନିର୍ମାଣ ନିମନ୍ତେ ନିହାତି ୩ ବର୍ଷ ଲାଗିଥିବ । ଏହା ପୂର୍ବରୁ ଟ୍ରଷ୍ଟ ହୋଇଥିବ । ଟ୍ରଷ୍ଟର ନାମ ହେଉଛି 'ଜଗନ୍ନାଥ ଧାମ' ଟ୍ରଷ୍ଟ ।

# ଇଭି ଷ୍ଟେସନ ନିର୍ମାଣ ନିମନ୍ତେ ସୁଦୃଢ ହେଉଛି ଭିତ୍ତିଭୂମି

ଭୁବନେଶ୍ୱର, ୧୪/୦୫
ନ୍ୟୁଜ ବ୍ୟୁରୋ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ଆଜି ଅକ୍ଷୟ ଶକ୍ତି କ୍ଷେତ୍ରରେ ଏକ ଅଗ୍ରଣୀ ଦେଶ ଭାବେ ପରିଗଣିତ ହୋଇପାରିଛି । ଏଥିରେ ଓଡ଼ିଶାର ମଧ୍ୟ ଯୋଗଦାନ କିଛି କମ୍ ନୁହେଁ । ବିକଶିତ ଓଡ଼ିଶା ଲକ୍ଷ୍ୟରେ ଅଗ୍ରସର ହେବାକୁ ହେଲେ ପ୍ରଥମେ ଆମକୁ ସବୁଜ ଶକ୍ତି ବା ଅକ୍ଷୟ ଶକ୍ତିର ବ୍ୟବହାରରେ ବୃଦ୍ଧି କରିବାକୁ ହେବ । ପିଏମ୍ ସୂର୍ଯ୍ୟଘର ଯୋଜନା ଅଧୀନରେ ସବ୍‌ସିଡି ଜରିଆରେ ଛାତ ଉପରେ ସୋଲାର ପ୍ୟାନେଲ ଲଗାଇବା ସହିତ ସାରା ଓଡ଼ିଶାରେ ବିଦ୍ୟୁତ ଚାଳିତ ଯାନର ଚାର୍ଜିଂ ପାଇଁ ଇଭି ଷ୍ଟେସନ ନିର୍ମାଣ ନିମନ୍ତେ ଭିତ୍ତିଭୂମିକୁ ସୁଦୃଢ କରାଯାଉଛି । ଏଥିପାଇଁ ଓଡ଼ିଶା ଇଭି ପଲିସି ଖୁବ୍‌ଶୀଘ୍ର ଅଣାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମତପ୍ରକାଶ କରିଛନ୍ତି । ଏହି ପରିପ୍ରେକ୍ଷୀରେ ବୁଧବାର ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓଙ୍କୁ ସର୍ଭୋଟେକ ନାମକ ସଂସ୍ଥା ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ସୌରଚାଳିତ ବିଦ୍ୟୁତ ଉତ୍ପାଦନ ଏବଂ ରାଜ୍ୟରେ ଇଭି ଷ୍ଟେସନ ନିର୍ମାଣ ବିଷୟରେ ଏକ ଉପସ୍ଥାପନା ପ୍ରଦର୍ଶନ କରିଥିଲେ । ଓଡ଼ିଶାର ବିଦ୍ୟୁତ ଭିତ୍ତିଭୂମି ଖୁବ ସୁଦୃଢ ଅଛି । ଦେଶର ପ୍ରମୁଖ ୧୦ଟି ବିଦ୍ୟୁତ ଡିଷ୍ଟ୍ରିବ୍ୟୁସନ କମ୍ପାନୀ ମଧ୍ୟରେ ଓଡ଼ିଶାର ତିନୋଟି ଡିଷ୍ଟ୍ରିବ୍ୟୁସନ କମ୍ପାନୀ ସ୍ଥାନ ଅଧିକାର କରିଛନ୍ତି । ଏତଦବ୍ୟତୀତ ଓଡ଼ିଶାର ବିଦ୍ୟୁତ ପରିଚାଳନା ମଡେଲକୁ ଆପଣାଇବା ପାଇଁ ଉତ୍ତରପ୍ରଦେଶ ରାଜ୍ୟ ମଧ୍ୟ ଆଗ୍ରହ ପ୍ରକାଶ କରି ପ୍ରତିନିଧିଙ୍କୁ କ୍ଷେତ୍ର ପରିଦର୍ଶନରେ ପଠାଇଥିଲେ । ଏହି ସମନ୍ୱିତ ବୈଠକରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ କୁମାର ମିଶ୍ର, ଗ୍ରୀଡ୍‌କୋ ପରିଚାଳନା ନିର୍ଦ୍ଦେଶକ ତ୍ରିଲୋଚନ ପଣ୍ଡା, ସର୍ଭୋଟେକ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ରମଣ ଭାଟିଆ, ନୀତିନ ପେରେଇରା, ଶକ୍ତି ବିଭାଗ ଗ୍ରୀଡ୍‌କୋ, ଟାଟା ପାୱାରର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## 'ଅପରେସନ୍ ସିନ୍ଦୁର'ର ସଫଳତା ପାଇଁ ରାଜ୍ୟ ସ୍ତରୀୟ ତ୍ରିରଙ୍ଗା ବାଇକ୍ ଯାତ୍ରା

# 'ଅପରେସନ୍ ସିନ୍ଦୁର'ର ସଫଳତା ଆମର ମା' ଓ ଭଉଣୀମାନଙ୍କ ସଂକଳ୍ପର ସଫଳତା : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୪/୦୫
ନ୍ୟୁଜ ବ୍ୟୁରୋ

ଆତଙ୍କବାଦ ବିରୋଧୀ ଅଭିଯାନ 'ଅପରେସନ୍ ସିନ୍ଦୁର'ର ସଫଳତା ପରେ ବୁଧବାର ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ଠାରେ ଏକ ତ୍ରିରଙ୍ଗା ବାଇକ୍ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଏହି ବାଇକ୍ ଯାତ୍ରାକୁ ପତାକା ଦେଖାଇ ଉଦ୍ଘାଟନ କରିଥିଲେ । ଏହି ଯାତ୍ରା ସକାଳ ୮ଟାରେ କଳିଙ୍ଗ ଷ୍ଟାଡିୟମ ଠାରୁ ଆରମ୍ଭ ହୋଇ ରାଜଭବନ ପର୍ଯ୍ୟନ୍ତ ହୋଇଥିବା ବେଳେ ପୋଲିସ ବାହିନୀ, ସୁରକ୍ଷା ବାହିନୀ, ଲୋକପ୍ରତିନିଧି ଏବଂ ସାଧାରଣ ଜନତା ଏହି ରାଲିରେ ନିଜ ସହିତ ତ୍ରିରଙ୍ଗା ପତାକା ଧରି ବାଇକ ଚଳାଇ ବନ୍ଦେ ମା ତରଂ ଧ୍ୱନି ଦେଇ ସହର ପରିକ୍ରମା କରିଥିଲେ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଥିଲେ ଯେ, 'ଅପରେସନ୍ ସିନ୍ଦୁର'ର ସଫଳତା ପରେ ଆଜିର ଏହି ତ୍ରିରଙ୍ଗା ବାଇକ୍ ଯାତ୍ରା ଆତଙ୍କବାଦ ବିରୁଦ୍ଧରେ ଦେଶର ଅଭିଯାନକୁ ଆହୁରି ସଶକ୍ତ କରିବ । ଜାତି, ଧର୍ମ ନିର୍ବିଶେଷରେ ସବୁ ଭାରତୀୟ ତ୍ରିରଙ୍ଗା ତଳେ ଯେତେବେଳେ ଏକଜୁଟ୍ ହେବେ, ସେତେବେଳେ କୌଣସି ଶକ୍ତି ଆମ ବିରୁଦ୍ଧରେ ସଫଳ ହେବେ ନାହିଁ । ତ୍ରିରଙ୍ଗାର ତିନି ରଙ୍ଗ ଆମକୁ ଶ୍ରଦ୍ଧା ଓ ସୌହାର୍ଦ୍ଦ୍ୟର ଆଦର୍ଶରେ ଅନୁପ୍ରାଣୀତ କରିଥାଏ । ଆମ ଜାତୀୟ ପତାକା ଆମର ସଂକଳ୍ପ, ସଂଘର୍ଷ, ବଳିଦାନ ଓ ତ୍ୟାଗର ପ୍ରେରଣାଦାୟୀ ମୁକସାକ୍ଷୀ ।

ଗତବର୍ଷ ଅଗଷ୍ଟ ୧୪ ତାରିଖରେ ମଧ୍ୟ ତ୍ରିରଙ୍ଗା ଯାତ୍ରାରେ ମୁଁ ଯୋଗ ଦେଇଥିଲି । ସମସ୍ତଙ୍କ ଭିତରେ ଥିବା ଅଭୂତପୂର୍ବ ଉତ୍ସାହକୁ ଦେଖି ମୁଁ ନିଜେ ମଧ୍ୟ ଖୁବ୍ ଉତ୍ସାହିତ ହୋଇଥିଲି । ବୁଧବାର ମଧ୍ୟ ଠିକ୍ ସେହିଭଳି ପରିସ୍ଥିତି ଆସିଛି । 'ଅପରେସନ୍ ସିନ୍ଦୁର'ର ସଫଳତା ଆମର ମା' ଓ ଭଉଣୀମାନଙ୍କ ସଂକଳ୍ପର ସଫଳତା । ଆମର ସେନାବାହିନୀର ବୀର ଯବାନମାନେ 'ସିନ୍ଦୁର'ର ମର୍ଯ୍ୟାଦା ରଖିଛନ୍ତି ।



ସେଥିପାଇଁ ମୁଁ ଆମ ଦେଶର ବୀର ଯବାନଙ୍କୁ ପୁଣି ଥରେ ହୃଦୟରୁ କୋଟି ସମ୍ମାନ ଜଣାଉଛି ବୋଲି ସେ କହିଥିଲେ । ସେ ପୁଣି କହିଥିଲେ ଯେ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଆମେ ସବୁ ଭାରତୀୟ ନିରାପଦ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି ପ୍ରତ୍ୟେକ ଭାରତୀୟ ଶାନ୍ତି ଓ ସୁରକ୍ଷାର ସହ ରହିବା ପାଇଁ ଭାରତବର୍ଷ ଶକ୍ତିଶାଳୀ ହେବା ଜରୁରୀ । ଆବଶ୍ୟକ ପଡିଲେ ଆମ ପାଇଁ ଶକ୍ତି ପ୍ରଦର୍ଶନ ମଧ୍ୟ ଜରୁରୀ ଏବଂ ଶ୍ରୀ ମୋଦୀ ଏହାକୁ 'ଅପରେସନ ସିନ୍ଦୁର'ରେ ପ୍ରମାଣିତ କରି ଦେଖାଇଛନ୍ତି । ପରମାଣୁ ଶକ୍ତିର ବ୍ଲାକ୍‌ମେଲିଂକୁ ଭାରତ ଭ୍ରୂକ୍ଷେପ କରିବ ନାହିଁ ବୋଲି ଶ୍ରୀ ମୋଦୀଙ୍କ ଯେଉଁ ଦୃଢ ଚେତାବନୀ ଆଜି ସାରା ବିଶ୍ୱରେ ପ୍ରତିଧ୍ୱନିତ ହେଉଛି । ଶତ୍ରୁର ପ୍ରତ୍ୟେକ ଆହ୍ୱାନର ଉଚିତ୍ ଜବାବ ଦେବା ପାଇଁ ଆମ ସେନାବାହିନୀ ସଂପୂର୍ଣ୍ଣ ପ୍ରସ୍ତୁତ ।

ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସମବାୟ ଓ ହସ୍ତତନ୍ତ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ ।

# ଦ୍ରୁତ ଗତିରେ ଆଗେଇ ଚାଲିଛି ଶ୍ରୀଜୀଉଙ୍କ ରଥ ନିର୍ମାଣ କାମ

ପୁରୀ ୧୪।୦୫ :ନ୍ୟୁଜ ବ୍ୟୁରୋ

ଚଳଚଞ୍ଚଳ ରଥଖଳା । ୧୪ ଦିନରେ ପହଞ୍ଚିଛି ମହାପ୍ରଭୁଙ୍କ ରଥ ନିର୍ମାଣ କାର୍ଯ୍ୟ । ଦିନ ଯେତିକି ଗଡୁଛି ରଥ ନିର୍ମାଣ କାର୍ଯ୍ୟ ସେତିକି ଦ୍ରୁତ ଗତିରେ ଆଗେଇ ଚାଲିଛି । ରଥଖଳାରେ ମୁଖ୍ୟତଃ ଚକ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଥିବା ବେଳେ ରୂପକାର ସେବକ ମାନେ କୋଣ ଗୁଜରେ ନୃସିଂହ ବିରାଳ ଖୋଦେଇ କାର୍ଯ୍ୟରେ ଲାଗିପଡିଛନ୍ତି । ସେପଟେ ଦୋଳବେଦୀ କମାରଶାଳରେ ମଧ୍ୟ କମାର ସେବକମାନେ ବିଭିନ୍ନ କଣ୍ଟା ପ୍ରସ୍ତୁତିରେ ଲାଗିଛନ୍ତି । ଆସନ୍ତା ୧୯ ତାରିଖ ପବିତ୍ର ଭଉଁରୀ ଦିନ ଛଅଟି ଚକ ସହ ତିନୋଟି ଅଖ ସଂଯୋଗ ହେବାକୁ ଥିବାରୁ ଭୋଇ ସେବକମାନେ ଅଖ କାଠ ବିଶ୍ୱକର୍ମାଙ୍କୁ ଯୋଗାଇଛନ୍ତି । ତେବେ ହାତରେ ଆଉ ମାତ୍ର କମ୍ ଦିନ ଥିବାରୁ ରଥଖଳାରେ ମୁଖ୍ୟତଃ ଚକ ନିର୍ମାଣ କାର୍ଯ୍ୟକୁ ଜୋରସୋରରେ ଆଗେଇ ନେଉଛନ୍ତି ବିଶ୍ୱକର୍ମା ମହାରଣା । ତିନି ରଥର ମହାରଣାମାନେ ଚକ ପାଇଁ ପଇ ପିନ୍ଧା କାର୍ଯ୍ୟର ଅନୁକୂଳ କରିଛନ୍ତି । ଏତଦ୍ ବ୍ୟତୀତ ତିନି ରଥ ପାଇଁ ଆବଶ୍ୟକ କୁଡୁକାର ଚଉପଟ କାର୍ଯ୍ୟ ମଧ୍ୟ ଶେଷ କରିଛନ୍ତି । ସେପଟେ ଜନ୍ତାଗାଡରେ ଭୋଇ ସେବକମାନେ ଚକ ନିର୍ମାଣ ପାଇଁ ସିଙ୍ଗଡ଼ା ବାଡିଆ କାର୍ଯ୍ୟ ଜାରି ରଖିଛନ୍ତି । ଦୋଳବେଦୀ ଅସ୍ଥାୟୀ କମାର ଶାଳରେ ଓଝା ସେବକମାନେ ପନ୍ଦାରିର ମଠା କାର୍ଯ୍ୟ ଶେଷ କରିବା ସହ ତିନି ରଥର ୮ ଟି ଲେଖାଏଁ ୨୪ ଗୋଟି ପନ୍ଦାରି ଚାବି ଶେଷ କରି ଅର କଣ୍ଟା ନିର୍ମାଣ ଜାରି ରଖିଛନ୍ତି ।

# ପାରାଦୀପରେ ୨୧ ଜଣ ପାକିସ୍ତାନୀ କ୍ରିଉ ମେମ୍ବର !



ପାରାଦୀପ ୧୪।୦୫ ନ୍ୟୁଜ ବ୍ୟୁରୋ

ପାରାଦୀପ ବନ୍ଦରରେ ଲାଗିଛି ଦୁଇଟି ତୈଳ ଜାହାଜ । ଯେଉଁଥିରେ ଅଛନ୍ତି ୨୫ ଜଣ କ୍ରିଉ ମେମ୍ବର । ଏହି ୨୫ ଜଣ କ୍ରିଉ ମେମ୍ବରଙ୍କ ମଧ୍ୟରୁ ୨୧ ଜଣ ପାକିସ୍ତାନୀ ଥିବା ଜଣାପଡିଛି । ଯାହାପରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ସୂଚନା ଅନୁଯାୟୀ, ଦକ୍ଷିଣ କୋରିଆରୁ ଅଶୌଧିତ ତୈଳ ନେଇ ଆସିଥିବା ଦୁଇଟି ଜାହାଜ ପାରାଦୀପ ବନ୍ଦରରେ ଲାଗିଛି ଯେଉଁଥିରେ ୨୫ରୁ ଅଧିକ କ୍ରିଉ ମେମ୍ବର ଥିବା ସୂଚନା ମିଳିଛି । ଏମାନଙ୍କ ମଧ୍ୟରୁ ୨୧ ଜଣ ପାକିସ୍ତାନୀ କ୍ରିଉ ମେମ୍ବର ଥିବାର ଜଣାପଡିଛି । ଯାହାପରେ ପୁରା ଆଲର୍ଟରେ ବନ୍ଦର କର୍ତ୍ତୃପକ୍ଷ । ଯେପର୍ଯ୍ୟନ୍ତ ଜାହାଜରୁ ତୈଳ ଖାଲି ନକରାଯାଇଛି ସେପର୍ଯ୍ୟନ୍ତ ବନ୍ଦରରେ କଷ୍ଟମ ବିଭାଗର ଟିମ୍, ସିଆଇଏସ୍‌ଏଫ ସଦସ୍ୟ, ମେରାଇନ୍ ପୋଲିସ ଆଦି ଉପସ୍ଥିତ ରହିବେ ବୋଲି ସୂଚନା ମିଳିଛି ।

# ଗଞ୍ଜେଇ ଓ କଫ୍ ସିରପ୍ ସହ ୫ ଗିରଫ

ନୂଆପଡ଼ା ୧୪।୫ ନ୍ୟୁଜ ବ୍ୟୁରୋ

ନୂଆପଡ଼ା ଜିଲ୍ଲାରେ ଦିନକୁ ଦିନ ବଢ଼ି ଚାଲିଛି ବିଭିନ୍ନ ନିଶା କାରବାର । ଯେଉଁଥିରେ ପଥଭ୍ରଷ୍ଟ ହେଉଛନ୍ତି ଆଜିର ଯୁବପିଢ଼ି । ଯାହାକୁ ବନ୍ଦ କରିବା ପାଇଁ ନୂଆପଡା ଏସ୍‌ପିଙ୍କ ତତ୍ତ୍ୱାବଧାନରେ ନୂଆପଡ଼ା ପୋଲିସ ତରଫରୁ ଆରମ୍ଭ କରାଯାଇଛି 'ଅପରେସନ ଶୁଦ୍ଧି' । ନୂଆପଡ଼ା ଜିଲ୍ଲାର ୫ଟି ବ୍ଲକ୍ ଓ ୨ଟି ଏନଏସି ଅଞ୍ଚଳରେ ଚାଲୁଥିବା ବେଆଇନ ନିଶା କାରବାରକୁ ବନ୍ଦ କରିବା ନିମନ୍ତେ ସମସ୍ତ ଥାନା ଅଞ୍ଚଳରେ ଚଢ଼ଉ ଜାରି ରହିଛି । ନୂଆପଡ଼ା ସହରର ବିଭିନ୍ନ ସ୍ଥାନରେ ଚଢ଼ଉ କରି ୬ କେଜି ୯୫୦ ଗ୍ରାମ୍ ଗଞ୍ଜେଇ ସହ ୨୫ଟି କଫ୍ ସିରପ୍ ବୋତଲ, ୫ଟି ମୋବାଇଲ ଓ ୩ଟି ମୋଟର ସାଇକେଲ ଜବତ କରିଥିବା ବେଳେ ଜଣେ ମହିଳାଙ୍କ ସହ ୫ ଜଣଙ୍କୁ ଗିରଫ କରିଛି ନୂଆପଡା ପୋଲିସ । କାରବାରରେ ସାମିଲ ଜଣେ ନାବାଳକକୁ ସ୍ୱଧାର ଗୃହକୁ ପଠାଇଥିବା ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ନୂଆପଡା ଏସ୍‌ପି ଗୁଣ୍ଡଲା ରାଘବେନ୍ଦ୍ର ରେଡ୍ଡୀ ସୂଚନା ଦେଇଛନ୍ତି ।

# ପୁଅ-ଝିଅକୁ ବିଷ ଦେଇ ବାପା ପିଇଲା ବିଷ : ପୁଅ ମୃତ

ପାରଳାଖେମୁଣ୍ଡି, ୧୪।୫ ନ୍ୟୁଜ ବ୍ୟୁରୋ

ଗଜପତି ଜିଲ୍ଲା ପାରଳାଖେମୁଣ୍ଡିସ୍ଥିତ ପାରଳା ସାହିରେ ଘଟିଛି ଏକ ଅଭାବନୀୟ ଘଟଣା । ପୁଅ-ଝିଅକୁ ବିଷ ଦେଇ ବାପା ପିଇଲା ବିଷ । ଏଥିରେ ପୁଅର ମୃତ୍ୟୁ ଘଟିଥିବା ବେଳେ ବାପା ଓ ଝିଅ ଗୁରୁତର ହୋଇଛନ୍ତି ।

ପାରଳାଖେମୁଣ୍ଡିସ୍ଥିତ ପାରଳା ସାହିର ନାନୁ ପାଣିଗ୍ରାହୀ ନିଜ ସାତ ବର୍ଷୀୟ ପୁଅ ଏବଂ ଏଗାର ବର୍ଷୀୟା ଝିଅକୁ ବିଷ ଦେଇ ନିଜେ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ । ସମ୍ପର୍କୀୟମାନେ ଏହା ଦେଖି ତିନି ଜଣଙ୍କୁ ପାରଳାଖେମୁଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ । ଚିକିତ୍ସା ବେଳେ ଶିଶୁ ପୁଅର ମୃତ୍ୟୁ ଘଟିଛି । ବାପା-ଝିଅଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା କରାଯାଉଛି । ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଘଟଣାର ତଦନ୍ତ କରୁଛି । ସୂଚନାଯୋଗ୍ୟ ଯେ, ଗତ କିଛି ମାସ ତଳେ ନାନୁଙ୍କ ସ୍ତ୍ରୀ ବିଷ କ୍ରିୟାରେ ମୃତ୍ୟୁ ଘଟିଥିଲା ।

# ପ୍ରଫେସର ଡାକ୍ତର ଗୌତମ ଶତପଥୀ ଏସ୍‌ସିବିର ଅଧ୍ୟକ୍ଷ ନିଯୁକ୍ତ

କଟକ, ୧୪/୫ ନ୍ୟୁଜ ବ୍ୟୁରୋ

ପ୍ରଫେସର ଡାକ୍ତର ଗୌତମ ଶତପଥୀ କଟକ ଶ୍ରୀରାମ ଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ନୂଆ ଅଧ୍ୟକ୍ଷ ଭାବେ ନିଯୁକ୍ତି ପାଇଛନ୍ତି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ନୂଆ ନିଯୁକ୍ତି ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି । ସମ୍ପ୍ରତି ପ୍ରଫେସର ଶତପଥୀ ଅସ୍ଥିଶଲ୍ୟ ବିଭାଗରେ କାର୍ଯ୍ୟରତ ଅଛନ୍ତି । ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସେ ଦାୟିତ୍ୱ ତୁଲାଇବେ ବୋଲି ବିଜ୍ଞପ୍ତିରେ କୁହାଯାଇଛି । ପୂର୍ବରୁ କଟକ ଶ୍ରୀରାମ ଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର କାମଚଳା ଅଧ୍ୟକ୍ଷ ଦାୟିତ୍ୱରେ ଥିଲେ ପ୍ରଫେସର ଡାକ୍ତର ଲୁସି ଦାସ । ପ୍ରଫେସର ଦାସଙ୍କୁ ୨୦୨୪ ଅଗଷ୍ଟ ମାସରେ ଏହି ପଦବୀରେ ଅବସ୍ଥାପିତ କରାଯାଇଥିଲା । ଗତବର୍ଷ ସେପ୍ଟେମ୍ବରରୁ ଅଧ୍ୟକ୍ଷ ପଦବୀ ଖାଲି ପଡିଥିବା ବେଳେ ରାଜ୍ୟ ସରକାର କେବେ ପୂର୍ଣ୍ଣକାଳୀନ ଅଧ୍ୟକ୍ଷ ନିଯୁକ୍ତ କରିବେ ସେ ନେଇ ସତ୍ୟପାଠ ଜରିଆରେ ଜଣାଇବାକୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିଲେ ।

# ଦେଶକୁ ମିଳିବ ପ୍ରଥମ ମହିଳା ଚିଫ୍ ଜଷ୍ଟିସ୍

ନୂଆଦିଲ୍ଲୀ,୧୪/୦୫

ଜଷ୍ଟିସ୍ ଭୂଷଣ ରାମକୃଷ୍ଣ ଗବାଇ ଦେଶର ୫୨ତମ ପ୍ରଧାନ ବିଚାରପତି ଭାବେ ଶପଥ ନେଇଛନ୍ତି । ଆସନ୍ତା ନଭେମ୍ବର ୨୩ ଯାଏ ସେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଭାବେ ଦାୟିତ୍ୱ ତୁଲାଇବେ । ତାଙ୍କ ପରେ ଦେଶକୁ ଜଣେ ମହିଳା ସିଜେଆଇ ମିଳିପାରନ୍ତି । ୨୦୨୭ରେ ଜଣେ ପ୍ରଥମ ମହିଳା ଚିଫ୍ ଜଷ୍ଟିସ୍ ହୋଇପାରନ୍ତି । ଯଦି ଜଷ୍ଟିସ୍ ବିଭି ନାଗାରତ୍ନା ପ୍ରଧାନ ବିଚାରପତି ହୁଅନ୍ତି ତେବେ ତାଙ୍କର କାର୍ଯ୍ୟକାଳ ମାତ୍ର ୩୬ ଦିନ ରହିବ । ସୁପ୍ରିମକୋର୍ଟ ପ୍ରତିଷ୍ଠା ହେବାର ୭୫ ବର୍ଷ ପରେ କୌଣସି ମହିଳା ସିଜେଆଇ ହୋଇ ନାହାନ୍ତି । ବର୍ତ୍ତମାନ ସୁଦ୍ଧା ୫୧ଜଣ ଚିଫ୍ ଜଷ୍ଟିସ୍ ପୁରୁଷ ରହିଛନ୍ତି । ଜଣେ ମହିଳା କେବଳ ସୁପ୍ରିମକୋର୍ଟ ବିଚାରପତି ରହିଛନ୍ତି । ଯଦି ବିଭି ନାଗାରତ୍ନା ପରବର୍ତ୍ତୀ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ହୁଅନ୍ତି ତେବେ ସେ ୩୬ ଦିନ ପାଇଁ ଦାୟିତ୍ୱରେ ରହିବେ । ଏହା ସବୁଠୁ କମ୍ ଦିନ ନୁହେଁ । ତାଙ୍କ ପୂର୍ବରୁ ଜଷ୍ଟିସ କମଳ ନାରାନ ସିଂହ ୧୭ଦିନ ପାଇଁ ସିଜେଆଇ ପଦରେ ରହିଥିଲେ ।



କଲିଜିୟମ କେନ୍ଦ୍ରକୁ ନାମ ପଠାଇଥାଏ-ସୁପ୍ରିମକୋର୍ଟରେ ବିଚାରପତିଙ୍କ ନିଯୁକ୍ତି ନେଇ କଲିଜିୟମ ନାମ ସୁପାରିସ୍ କରିଥାଏ । କଲିଜିୟମରେ ସୁପ୍ରିମକୋର୍ଟର ବିଚାରପତି ହିଁ ସାମିଲ ହୋଇଥାନ୍ତି । କେନ୍ଦ୍ର ସରକାରଙ୍କୁ କଲିଜିୟମ ପଠାଇଥିବା ନାମ ଉପରେ ବିଚାର ବିମର୍ଶ କରାଯାଏ । କେନ୍ଦ୍ର ପକ୍ଷରୁ ନାମକୁ ମଞ୍ଜୁରୀ ମିଳିବା ପରେ ଚିଫ୍ ଜଷ୍ଟିସ୍ ଭାବେ ଦାୟିତ୍ୱ ନେଇଥାନ୍ତି । ଜଷ୍ଟିସ୍ ଯଶୋବନ୍ତ ବିଷ୍ଣୁ ଚନ୍ଦ୍ରଚୂଡ ୭ ବର୍ଷ ୧୩୯ ଦିନ ପାଇଁ ସିଜେଆଇ ଦାୟିତ୍ୱରେ ଥିଲେ । ତାଙ୍କ ପରେ ଜଷ୍ଟିସ ଏସ ରାଜେନ୍ଦ୍ର ବାବୁ ୨୯ ଦିନ ପାଇଁ ସିଜେଇ ଥିଲେ । ଯଦି ବିଭି ନାଗାରତ୍ନା ସିଜେଆଇ ହୁଅନ୍ତି ତେବେ ସେ ୩୬ ଦିନ ଏବଂ ତୃତୀୟ ସର୍ବନିମ୍ନ କାଳ ସିଜେଆଇ ହେବେ । ଜଷ୍ଟିସ ରାଜୀବ ଶକଧେର ୨୪ ଦିନ ପାଇଁ ସିଜେଆଇ ପଦରେ ରହି ଅବସର ନେଇଥିଲେ ବୋଲି ସୂଚନା ମିଳିଛି ।

# ବରଫ ତରଳିବ, ବର୍ଷା ବଢିବ : ୫୦% ବୃଦ୍ଧି ହେବ ଗଙ୍ଗା ପାଣିର ସ୍ରୋତ

ନୂଆଦିଲ୍ଲୀ,୧୪।୫



ହିନ୍ଦୁକୁଶ ହିମାଳୟ କ୍ଷେତ୍ର ଯାହାକୁ ହିମାଳୟ ନାମରେ ଜଣାଯାଏ । ଦୁନିଆର ତୃତୀୟ ସବୁଠାରୁ ବଡ଼ ତାଜା ପାଣିର ଭଣ୍ଡାର । ସେଠାରେ ଗ୍ଲାସିୟର ଓ ବରଫ୍ ନଦୀକୁ ପାଣି ଦେଇଥାଏ । ଯାହାକି କୋଟି କୋଟି ଲୋକଙ୍କୁ ପାଣିର ଆବଶ୍ୟକତାକୁ ପୂରଣ କରିଥାଏ । ଗଙ୍ଗାନଦୀର ଉପର କ୍ଷେତ୍ର, ଯାହାକି ହିମାଳୟରେ ରହିଛି ତାହର ମଧ୍ୟ ଏହି ଗ୍ଲାସିୟର ଓ ବରଫ ଉପରେ ନିର୍ଭର କରେ । ଜଳବାୟୁ ପରିବର୍ତ୍ତନ କାରଣରୁ ବଢୁଥିବା ତାପମାତ୍ରା ଓ ବଦଳୁଥିବା ବର୍ଷା ପାର୍ଟର୍ନ ଏହି କ୍ଷେତ୍ରର ଜଳ ପ୍ରଣାଳୀକୁ ପ୍ରଭାବିତ କରୁଛି । ଭାରତୀୟ ପ୍ରାଦ୍ୟୋଗିକ ସଂସ୍ଥାନ (ଆଇଆଇଟି) ରୁଡ୍‌କୀର ରିସର୍ଚ୍ଚର ଏକ ଅଧ୍ୟୟନରେ ଏହା ଜଣାପଡିଛି । ଏହି ଅଧ୍ୟୟନ ଗଙ୍ଗା ନଦୀର ଉପର କ୍ଷେତ୍ରରେ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ବୁଝିବା ପାଇଁ କରାଯାଇଛି । ବିଶେଷ ଭାବରେ ଏହା ଦେଖାଇଛି ଯେ, ଭବିଷ୍ୟତରେ ନଦୀର ପାଣି, ବରଫ ତରଳିବା, ଗ୍ଲାସିୟରର ପାଣି ଓ ଭୂ-ଜଳକୁ କିଭଳି ବଦଳାଇ ପାରିବ ସେଥିପାଇଁ ଏକ ବିଶେଷ ମଡେଲ, ଯ । ହ । କ ି ଏସ୍‌ପିଏଚ୍‌ୱାଇ(ସ୍ପୋଟିୟଲ ପ୍ରୋସେଜେସ୍ ଇନ୍ ହାଇଡ୍ରୋଲୋଜି) କୁହାଯାଏ ଓ ସିଏମ୍‌ଆଇପି୬ ଜଳବାୟୁ ପରିଦୃଶ୍ୟ (ଏସ୍‌ଏସ୍ପି ୨-୪.୫ ଓ ଏସଏସପି ୫-୮୫)ର ଉପଯୋଗ କରାଯାଇଛି । ଏହା ଭବିଷ୍ୟତରେ ତାପମାତ୍ରା ଓ ବର୍ଷା ହେଉଥିବା ପରିବର୍ତ୍ତନର ଅନୁମାନ କରନ୍ତି । ଅଧ୍ୟୟନରେ ଦେବପ୍ରୟାଗରେ ନଦୀର ପ୍ରବାହ ତଥ୍ୟର ଉପଯୋଗ କରି ମଡେଲର ଯାଞ୍ଚ ହୋଇଛି । ଦେବପ୍ରୟାଗରେ ମୋଟ ନଦୀ ପ୍ରବାହର ୬୩.୩% ଅଂଶ ବର୍ଷାରୁ, ୧୪.୯% ତୁଷାର ତରଳିବାରୁ, ୧୦.୮% ଗ୍ଲାସିୟର ତରଳିବାରୁ ଏବଂ ୧୦% ଭୂତଳ ଜଳରୁ ଆସିଥାଏ । ଏହି ସମୟ ମଧ୍ୟରେ ହାରାହାରି ମୋଟ ପ୍ରବାହ ପ୍ରତି ସେକେଣ୍ଡରେ ୭୯୨ ଘନ ମିଟର ଥିଲା, ଯେଉଁଥିରୁ ୫୦୯.୫ ବର୍ଷାରୁ, ୧୧୭.୫ ବରଫରୁ, ୮୬.୧ ଗ୍ଲାସିୟର ଏବଂ ୭୮.୯ କ୍ୟୁବିକ୍ ମିଟର ପ୍ରତି ସେକେଣ୍ଡର ଯୋଗଦାନ ଥିଲା । ଭବିଷ୍ୟତର ଅନୁମାନ (୨୦୭୬-୨୧୦୦) ତାପମାତ୍ରା ଓ ବର୍ଷାରେ ବୃଦ୍ଧି ଘଟିବ । ଏକବିଂଶ ଶତାବ୍ଦୀର ଶେଷ ବିଶେଷ ରୂପରେ ଏସ୍‌ଏସ୍‌ପି ୫-୮.୫ ପରିଦୃଶ୍ୟରେ ତାପମାତ୍ରା ଓ ବର୍ଷାରେ ଉଲ୍ଲେଖନୀୟ ବୃଦ୍ଧି ହେବାର ସମ୍ଭାବନା ରହିଛି । **ମୋଟ ପ୍ରବାହରେ ୫୦% ବୃଦ୍ଧି :** ମଡେଲ ଅନୁସାରେ, ଭବିଷ୍ୟତରେ ନଦୀର ମୋଟ ପ୍ରବାହ ୫୦% ପର୍ଯ୍ୟନ୍ତ ବଢିପାରେ । ଏହାର ସବୁଠାରୁ ବଧ କାରଣ ବର୍ଷାରେ ହେବାକୁ ଥିବା ପ୍ରବାହ ହେବ । ଏହାଛଡା ଗ୍ଲାସିୟର ତରଳିବା ଓ ଭୂଜଳ । **ବରଫ ତରଳିବା ୫୭% କମ୍ ହେବ :** ୨୦୯୦ ପର୍ଯ୍ୟନ୍ତ ବରଫରୁ ଆସୁଥିବା ପାଣି ୫୭% କମ୍ ହୋଇପାରେ, କାରଣ ବଢୁଥିବା ତାପମାତ୍ରା ବରଫକୁ ଦ୍ରୁତ ଗତିରେ ତରଳାଇ ଦେବ ଓ ବରଫର ଭଣ୍ଡାର କମ୍ ହେବ । **ପାଣିର ଅଭାବ ନାହିଁ:** ଯଦିଓ ବରଫର ଯୋଗଦାନ କମ୍ ତେବେ ବର୍ଷା ଓ ଗ୍ଲାସିୟର ତରଳିବା ଦ୍ୱାରା ପାଣିର ଯୋଗାଣ ରହିବ ବୋଲି ସୂଚନା ମିଳିଛି ।

# ଓପିଏସସି ଓ ଓଏସଏସସିରେ ୪ ସଦସ୍ୟଙ୍କୁ ନିଯୁକ୍ତି

କଟକ,୧୪।୫ ନ୍ୟୁଜ ବ୍ୟୁରୋ

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଓ ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି)ରେ ଦୁଇଜଣ ଲେଖାଏଁ ସଦସ୍ୟଙ୍କୁ ସାମିଲ କରାଯାଇଛି । ଜନଗଣନା ନିର୍ଦ୍ଦେଶକ ଥିବା ଆଇଏଏସ୍ ଅଧିକାରୀ ଉଦୟ ନାରାୟଣ ଦାସ ଏବଂ ପୁରୀସ୍ଥିତ ଏସ୍‌ସିଏସ୍ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ମିହିର ପ୍ରସାଦ ମିଶ୍ରଙ୍କୁ ଓପିଏସ୍‌ସି ସଦସ୍ୟ ଭାବେ ନୂତନ ନିଯୁକ୍ତି ଦିଆଯାଇଛି । ତାଙ୍କର କାର୍ଯ୍ୟକାଳ ୬ ବର୍ଷ ବା ସେମାନଙ୍କୁ ୬୨ ବର୍ଷ ହେବା ଯାଏଁ ରହିବ ବୋଲି ଦର୍ଶାଯାଇଛି । ସେହିପରି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ଇଂରାଜୀ ପ୍ରଫେସର ଥିବା ଡ. ଶୃତି ଦାସ ଏବଂ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ସୁଧାକର ବୁର୍ଗିଙ୍କୁ ଓଏସ୍‌ଏସ୍‌ସିର ସଦସ୍ୟ ଭାବେ ନିଯୁକ୍ତି ଦିଆଯାଇଛି । ସେମାନଙ୍କ କାର୍ଯ୍ୟକାଳ ୫ ବର୍ଷ ବା ୬୫ ବର୍ଷ ହେବା ପର୍ଯ୍ୟନ୍ତ ରହିବ । ଏନେଇ ବୁଧବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।

# ରୁଷରୁ ଆଉ ଏସ୍-୪୦୦ ମିସାଇଲ ସିଷ୍ଟମ କିଣିବ ଭାରତ

ନୂଆଦିଲ୍ଲୀ ୧୪/୦୫

ଭାରତ ଓ ପାକିସ୍ତାନ ମଧ୍ୟରେ ଲାଗିଥିବା ସଂଘର୍ଷ ବେଳେ ରୁଷରୁ ଆସିଥିବା ଏସ୍-୪୦୦ ବାୟୁ ପ୍ରତିରକ୍ଷା ମିସାଇଲ ସିଷ୍ଟମର ବ୍ୟବହାର ସଫଳ ହୋଇପାରିଛି । ତେଣୁ ତାକୁ ଦୃଷ୍ଟିରେ ରଖି ଭାରତ ରୁଷଠାରୁ ଅଧିକ ଏସ୍-୪୦୦ ମିସାଇଲ ସିଷ୍ଟମ କିଣିବାକୁ ନିଷ୍ପତ୍ତି ନେଇଛି । ଏ ସଂକ୍ରାନ୍ତରେ ରୁଷ କର୍ତ୍ତୃପକ୍ଷଙ୍କୁ ପ୍ରସ୍ତାବ ମଧ୍ୟ ଦିଆଯାଇସାରିଛି । ଖୁବ୍‌ଶୀଘ୍ର ଏହି ପ୍ରସ୍ତାବକୁ ରୁଷ ଅନୁମୋଦନ କରିବାର ସମ୍ଭାବନା ରହିଛି । ରୁଷର ଅନୁମୋଦନ ପରେ ଭାରତକୁ ଅଧିକ ଏସ୍-୪୦୦ ମିସାଇଲ ସିଷ୍ଟମ ମିଳିବ । ଫଳରେ ଭାରତ ତାକୁ ସମ୍ବେଦନଶୀଳ ଅଞ୍ଚଳରେ ମୁତୟନ କରିବ । ନିକଟରେ ପାକିସ୍ତାନ ଜମ୍ମୁ-କଶ୍ମୀର, ପଞ୍ଜାବ ଓ ରାଜସ୍ଥାନରେ ଶତାଧିକ ଡ୍ରୋନ ଓ ମିସାଇଲ ଆକ୍ରମଣ କରିଥିଲା । କିନ୍ତୁ ସେଠାରେ ଭାରତର ଏସ୍-୪୦୦ ସିଷ୍ଟମ ସକ୍ରିୟ ଥିବା କାରଣରୁ ପାକିସ୍ତାନର ଡ୍ରୋନ ଓ ମିସାଇଲକୁ ଆକାଶମାର୍ଗରେ ଧ୍ୱଂସ କରିଦିଆଯାଇଥିଲା । ରୁଷରୁ ଭାରତ କିଣିଥିବା ଏସ୍-୪୦୦କୁ ସୁଦର୍ଶନ ଚକ୍ର ବୋଲି କୁହାଯାଉଛି । ରୁଷରୁ ୫ଟି ଏସ୍-୪୦୦ ସିଷ୍ଟମ ଆଣିବା ଲାଗି ଭାରତ ୨୦୧୮ରେ ୫.୪୩ ବିଲିୟନ ଡଲାର ମୂଲ୍ୟର ରାଜିନାମା କରିଥିଲା । ଚୀନ୍ ଓ ପାକିସ୍ତାନର ମୁକାବିଲା କରିବା ଉଦ୍ଦେଶ୍ୟରେ ୨୦୨୧ରେ ପ୍ରଥମ କରି ଏହା ପଞ୍ଜାବରେ ମୁତୟନ କରାଯାଇଥିଲା ।